# ଜିଲ୍ଲା ପ୍ରଶାସନର ଉଦାସୀନତା; ନଷ୍ଟ ହେଉଛି ଐତିହ୍ୟ କୀର୍ତ୍ତିରାଜି







ବାଲେଶ୍ୱର, ୨୫।୬(ସମିସ):

ଶହଶହ ବର୍ଷର ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ସରକାରଙ୍କ ରାଜକୋଷରୁ ଖର୍ଚ୍ଚ ହେଉଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନର ଉଦାସୀନତା ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଐତିହ୍ୟ କୀର୍ତ୍ତିରାଜି ସମ୍ପ୍ରତି ନଷ୍ଟ ହେବାକୁ ଯାଉଥିବାବେଳେ ବାଲେଶ୍ୱର ସହରର କେତେକ ଐତିହ୍ୟ କୀର୍ତ୍ତିରାଜି ପ୍ରଶାସନ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ କରାଯିବାର ଅଭିଯୋଗ ହେଉଛି।

ବାଲେଶ୍ୱରରେ ନଷ୍ଟ ହେବାକୁ ଯାଉଥିବା କୀର୍ତ୍ତିରାଜୀ ମଧ୍ୟରୁ କୁପାରୀ ନିକଟରେ ଥିବା ବୌଦ୍ଧ ଓ ଜୈନ କୀର୍ତ୍ତିରାଜି, ଜଳେଶ୍ୱର ନିକଟରେ ଥିବା ରାଇବଣିଆ ଦୁର୍ଗ ଏବଂ ବାଲେଶ୍ୱର ସହରରେ ଥିବା ଗୋରା କବର ଓ ଲାଲ ଗୀର୍ଜା ଭଳି ଐତିହ୍ୟ କୀର୍ତ୍ତିରାଜିଗୁଡିକ ଆଜି ବାଲେଶ୍ୱର ଇତିହାସ ପୃଷ୍ଠାରେ ଅସ୍ପଷ୍ଟ ହେବାରେ ଲାଗିଛି। ଏହିଭଳି ଆଉ କିଛି ଐତିହ୍ୟ କୀର୍ତ୍ତିରାଜିକୁ ଜିଲ୍ଲା ପ୍ରଶାସନ ବାଲେଶ୍ୱର ଇତିହାସ ପୃଷ୍ଠାରୁ ସବୁଦିନ ପାଇଁ ହଟାଇ ଦେଇଛି। ତାହା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପୁରାତନ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଅନ୍ୟତମ। ଏହି କାର୍ଯ୍ୟାଳୟ ଗୃହ ବ୍ରିଟିଶ ପ୍ରଶାସକ ମାନଙ୍କ ଦ୍ୱାରା ନିର୍ମାଣ ହେଇଥିଲା। ଭୂମଧ୍ୟ ସାଗରୀୟ ସ୍ଥାପତ୍ୟ ଢାଞ୍ଚାରେ ଏହି ପୁରାତନ ଏସପିଙ୍କ କାର୍ଯ୍ୟାଳୟକୁ ବ୍ରିଟିଶ ପ୍ରଶାସକ ମାନଙ୍କ ଦ୍ୱାରା ନିର୍ମାଣ ହେଇଥିବା ଯୋଗୁଁ ଏହାର ନିର୍ମାଣ ଶୈଳୀର କମନିୟତା ଆଖିଦୃଶିଆ ଥିଲା। ବିଚାରାଧୀନ କଏଦୀ ମାନଙ୍କ ହାଜତ ରୂପେ ଏହି ପୁରାତନ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବ୍ରିଟିଶ ପ୍ରଶାସକ ମାନେ ବ୍ୟବହାର କରୁଥିଲେ। ଯେଉଁ କଏଦୀ ମାନଙ୍କୁ ମୃତ୍ୟୁଦଣ୍ଡ ମିଳୁଥିଲା, ସେମାନଙ୍କର ଶବକୁ ଏହି ପୁରାତନ ଏସପି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ କୂଅରେ ପକାଇ ଦେଉଥିଲେ ଗୋରା ଶାସକ ମାନେ। ଏହା ଲବଣ ସତ୍ୟାଗ୍ରହ ଓ କୁଇକ ଇଣ୍ଡିଆ ମୋମେଣ୍ଟ ସହିତ ଜଡିତ ଥିବାର ଜିଲ୍ଲାର ଐତିହ୍ୟବିତ୍‌ମାନେ କୁହନ୍ତି। ଏହିଭଳି ଏକ ଐତିହ୍ୟ କୀର୍ତ୍ତିରାଜିର ଫର୍ଦ୍ଦକୁ ଐତିହାସିକ ସଚେତନତା ଅଭାବରୁ ଜିଲ୍ଲା ପ୍ରଶାସନ ବାଲେଶ୍ୱର ଇତିହାସ ପୃଷ୍ଠାରୁ ଚିରି ଦେଇଛି। ଗତ ୨୦୦୬ ମସିହାରେ ବାଲେଶ୍ୱର ଏସପି କାର୍ଯ୍ୟାଳୟ ଅନ୍ୟତ୍ର ଉଠିଯିବା ପରେ ଏହି ଐତିହାସିକ ଗୃହକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ପରେ ଅର୍ଥାତ୨୦୧୯ ରେ ସେହି ସ୍ଥାନରେ ନୂତନ ବିଲ୍ଡିଂ ନିର୍ମାଣ କରାଯାଇ ଥିଲା। ବର୍ତ୍ତମାନ ଏହି ନୂତନ ବିଲ୍ଡିଂକୁ ଭିଭି ପାର୍ଟ ୱୟାର ହାଉସ କରାଯାଇଛି। ଏଠାରେ ଇଭିଏମ ରଖାଯାଉଥିବା ବେଳେ ସମ୍ମୁଖରେ ଥିବା କୂଅକୁ ପୋତି ଦିଆଯାଇଛି। ଏହାବାଦ ବାଲେଶ୍ୱର ସହରସ୍ଥ ଫାଣ୍ଡି ଛକରେ ଥିବା ମୋଗଲ ଅମଳରେ ନିର୍ମିତ ସରାଇଖାନା (ଗେଷ୍ଟ ରୁମ)କୁ ବିକାଶ ଆଳରେ ଭାଙ୍ଗି ଦିଆଯାଇ ସେଠାରେ ସହଦେବଖୁଣ୍ଟା ଆଦର୍ଶ ଥାନା ଗୃହ ନିର୍ମାଣ କରାଯାଇ ଥିଲା। ପୁରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସେତେବେଳେ ପାଦରେ ଚାଲିଚାଲି ଯାଉଥିବା ତୀର୍ଥଯାତ୍ରୀ ମାନେ ଏହି ସରାଇଖାନାରେ ରହୁଥିଲେ। ଏହା ମଧ୍ୟ ବାଲେଶ୍ୱର ଇତିହାସରେ ଏକ ଅନନ୍ୟ ଐତିହ କୀର୍ତ୍ତିରାଜି ଥିଲା। ତାହା ସଂରକ୍ଷିତ ରଖାଯିବା ପରିବର୍ତ୍ତେ, ଅତୀତର ପ୍ରଶାସକ ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଲୀନ କରାଯାଇଥିଲା। ସମ୍ବିଧାନର ଧାରା ୨୫୩ ଆଧାରରେ ପୂର୍ବର କେନ୍ଦ୍ର ସରକାରଙ୍କ ଦ୍?ାରା ସ୍ୱାକ୍ଷର କରାଯିବା ଏବଂ ୟୁନେସ୍କୋ ଦ୍ୱାରା ଗୃହୀତ ପ୍ରସ୍ତାବକୁ ଏପର୍ଯ୍ୟନ୍ତ ଆଇନରେ ପରିଣତ କରାଯାଇ ନାହିଁ। ଫଳରେ ଆମ ଦେଶର ବିଭିନ୍ନ ସ୍ଥାନରେ ଥିବା ଐତିହ କୀର୍ତ୍ତିରାଜି ସମ୍ପ୍ରତି ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ସମ୍ପୂର୍ଣ୍ଣ ଦାୟୀ ଥିବାବେଳେ ସମ୍ବିଧାନର ଧାରା ୫୧ଏ(ଏଫ)କୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଅପରପକ୍ଷରେ ବାଲେଶ୍ୱରର ଐତିହ୍ୟବିତ୍ ପ୍ରଶାନ୍ତ କୁମାର ପାଢ଼ୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭିଭିପାଟ ୱୟାର ହାଉସ ଓ ସହଦେବଖୁଣ୍ଟା ଥାନା ନିକଟରେ ପୂର୍ବର ଐତିହାସିକ ବିଲ୍ଡିଂ ପୁନଃ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଭବିଷ୍ୟତ ବଂଶଧର ମାନଙ୍କ ଭିତରେ ଇତିହାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହା ନିହାତି ଜରୁରୀ ଅଟେ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଧ୍ୱଂସ କରାଯାଇ ଥିବା ଏହି ଐତିହ୍ୟ କୀର୍ତ୍ତିରାଜିଗୁଡିକର ପୁନର୍ବିନ୍ୟାସ କରିବା ପାଇଁ ସେ ଖୁବ୍‌ଶୀଘ୍ର ସରକାରଙ୍କୁ ଭାବେ ଲିଖିତ ଜଣାଇବେ ବୋଲି କହିଛନ୍ତି। ଅପରପକ୍ଷରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶହଶହ ବର୍ଷ ତଳର ଐତିହ୍ୟ କୀର୍ତ୍ତିରାଜି, ଯଥା କୁପାରୀରେ ଥିବା ବୌଦ୍ଧ ଓ ଜୈନ କୀର୍ତ୍ତିରାଜି, ଜଳେଶ୍ୱର ନିକଟରେ ଥିବା ରାଇବଣିଆ ଦୁର୍ଗ ଏବଂ ବାଲେଶ୍ୱର ସହରରେ ଥିବା ଲାଲ ଗୀର୍ଜା ଓ ଗୋରା କବର ଭଳି କୀର୍ତ୍ତିରାଜିଗୁଡିକୁ ସୁରକ୍ଷିତ ସହିତ ସଂରକ୍ଷିତ ରଖିବାର ଆବଶ୍ୟକତା ରହିଛି। ଏହି ସବୁ ଐତିହ କୀର୍ତ୍ତିରାଜୀ ଗୁଡିକ ପ୍ରଶାସନର ଅଣଦେଖା ପାଇଁ ନଷ୍ଟ ହେଇଯାଉଛି। ଏହାକୁ ସଂରକ୍ଷିତ ରଖିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ରେଞ୍ଜ୍ ସ୍ତରରେ ପୁଲିସ ଅଧିକାରୀଙ୍କ ଅଦଳବଦଳ

- ଡିଏସପି ଭାବେ ଶୁଭ୍ରାଂଶୁ ଏବଂ ଦିବ୍ୟଜ୍ୟୋତିଙ୍କ ବାଲେଶ୍ୱର ବଦଳି
- ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ପୁରୀ ବଦଳି
- ବାଲେଶ୍ୱରକୁ ଫେରିଲେ ଅଶୋକ ନାୟକ

ବାଲେଶ୍ୱର, ୨୫।୬(ସମିସ): ବାଲେଶ୍ୱର ସହରରେ ଗତ ୧୭ତାରିଖରୁ ଆରମ୍ଭ ହୋଇଥିଲା ଗୋଷ୍ଠୀ ସଂଘର୍ଷ। ଏଥିପାଇଁ କର୍ଫ୍ୟୁ ଜାରି ରହିଛି। ଏହାରି ମଧ୍ୟରେ ପୁଲିସ ବିଭାଗରେ ଅଦଳ ବଦଳ ହୋଇଛି। ଏପରି ବାଲେଶ୍ୱର ରେଞ୍ଜ ସ୍ତରରେ ପୁଲିସର ଅଦଳ ବଦଳ ହୋଇଥିବା ବେଳେ କମିଶନରେଟରେ କାର୍ଯ୍ୟ କରୁଥିବା ବାଲେଶ୍ୱରର ଦୁଇ ପୁରୁଣା ପୁଲିସ ଅଧିକାରୀଙ୍କର ମଧ୍ୟ ବାଲେଶ୍ୱର ବଦଳି ହୋଇଛି। ସହଦେବଖୁଂଟା ଥାନାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀଙ୍କ ସିଧାସଳଖ ପୁରୀ ଜିଲ୍ଲାକୁ ବଦଳି ହୋଇଛି। ଭୁବନେଶ୍ୱରରେ ଏସିପି ଭାବେ କାର୍ଯ୍ୟ କରୁଥିବା ଶୁଭ୍ରାଂଶୁ ନାୟକଙ୍କର ଡିଏସପି ଭାବେ ବାଲେଶ୍ୱରକୁ ବଦଳି ହୋଇଛି। ସେହିପରି ଦିବ୍ୟଜ୍ୟୋତି ଦାସଙ୍କର ମଧ୍ୟ ବାଲେଶ୍ୱରକୁ ଡିଏସପି ଭାବେ ବଦଳି ହୋଇଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ବାଲେଶ୍ୱର ଗସ୍ତ କରି ଘଟଣା ଘଟିଥିବା ଅଞ୍ଚଳ ବୁଲିବା ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ ଏବଂ ଏହାରି ମଧ୍ୟରେ କିଛି ଅଧିକାରୀଙ୍କୁ ବଦଳି କରାଯିବା ପାଇଁ ସାଂସଦଙ୍କ ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଥିଲା। ଏହାକୁ ଆଧାର କରି ଏଭଳି ନିଷ୍ପତ୍ତି ହୋଇଥିବା ଆଲୋଚନା ହେଉଛି। ମୟୂରଭଞ୍ଜରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ଜୟନ୍ତ ବେହେରାଙ୍କୁ ବାଲେଶ୍ୱର ବଦଳି କରାଯାଇଥିବା ବେଳେ କମଳିନି ତାଣ୍ଡୀଙ୍କୁ ମଧ୍ୟ ବାଲେଶ୍ୱର ବଦଳି କରାଯାଇଛି। ଏହାସହ ସହଦେବଖୁଂଟା ଥାନାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତିଙ୍କୁ ବାଲେଶ୍ୱରରୁ ସିଧାସଳଖ ପୁରୀ ଜିଲ୍ଲାକୁ ବଦଳି କରାଯାଇଛି। ଏହାସହ ସବ୍‌ଇନସପେକ୍ଟର ବିକ୍ରମ ମହାପାତ୍ରଙ୍କୁ ଭଦ୍ରକ ଜିଲ୍ଲାରୁ ବାଲେଶ୍ୱର ଏବଂ ଟାଉନ ଥାନାରେ କାର୍ଯ୍ୟରତ ଏଏସଆଇ ଏସଏସ ରାଉଳଙ୍କୁ ବାଲେଶ୍ୱର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲାକୁ ବଦଳି କରାଯାଇଛି।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ବାଲେଶ୍ୱର, ୨୫।୬(ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ହିଡିଗାଁ ଗ୍ରାମର ଲାଗୁ ସିଂ ଝିଅ ଝୁମୁରୀ ସିଂ(୧୯) ଗାଧୋଇବାକୁ ଯାଇ ପାଣିରେ ବୁଡି ଜୀବନ ହରାଇଛି। ମଙ୍ଗଳବାର ଦିନ ଗୋଟାଏ ବେଳେ ଝୁମୁରୀ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଫେରିନଥିଲା। ଦୀର୍ଘ ସମୟ ଅତିବାହିତ ହେବା ପରେ ଝୁମୁରୀ ଘରକୁ ନ ଫେରିବାରୁ ପରିବାର ଲୋକେ ତାକୁ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀ ହୁଡ଼ାରେ ଝୁମୁରିର ଜୋତା ପଡ଼ିଥିବା ଦେଖି ଗ୍ରାମର ଲୋକମାନେ ପାଣିରେ ପଶି ଖୋଜିଥିଲେ। ପରେ ଗ୍ରାମବାସୀ ପୋଖରୀ ଜଳରୁ ଝୁମୁରିକୁ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ପରୀକ୍ଷା କରି ଝୁମୁରିକୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୁର ଥାନା ପୁଲିସ ଖବରପାଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଆସି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ବିଜେପି ପକ୍ଷରୁ କଳା ଦିବସ ପାଳିତ




ବାଲେଶ୍ୱର, ୨୫।୬ (ସମିସ): ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଉପୁଜିଥିଲା। ତତ୍ କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏପରି ପଦକ୍ଷେପ ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ମାହେଶ୍ୱରୀ ଭବନରେ ଜିଲ୍ଲା ବିଜେପି ପକ୍ଷରୁ କଳା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ସଂଯୋଜନା କରିଥିବା ବେଳେ ଜିଲ୍ଲା ଉପସଭାପତି ତଥା କାର୍ଯ୍ୟକ୍ରମ ସହ ସଂଯୋଜକ କମଳ ଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ତାଙ୍କ ବକ୍ତବ୍ୟରେ ଜରୁରୀ କାଳୀନ ପରିସ୍ଥିତିରେ କିପରି ଭାବରେ ସାରା ଭାରତ ବର୍ଷରେ ୧୯୭୧ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କଂଗ୍ରେସ ର ବିପୁଳ ବିଜୟ ହୋଇଥିବା ବେଳେ ରାଏ ବରେଲି ଲୋକସଭା ନିର୍ବାଚନ ମଣ୍ଡଳୀରେ ତତ୍ କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ଉକ୍ତ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିଥିବା ରାଜ୍ ନାରାୟଣ ଏହି ନିର୍ବାଚନ ବିଜୟ ଉପରେ ମକଦ୍ଦମା କରିଥିବାବେଳେ ହାଇକୋର୍ଟ ଏହାକୁ ଅସିଦ୍ଧ କରିଥିଲେ। ଏହାର ପ୍ରତିବାଦରେ ଇନ୍ଦିରା ଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, କମଳା ବିନ୍ଧାଣି, ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ସଦର ନିର୍ବାଚନ ମଣ୍ଡଳୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ନଗର ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ସମସ୍ତ ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୫।୬ (ସମିସ): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ମାନସ କୁମାର ଦତ୍ତଙ୍କୁ ବିଭିନ୍ନ ମହଲରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଏହିକ୍ରମରେ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଶ୍ରୀ ଦତ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ନେଇ ବାହାବଳପୁରଠାରେ ଶ୍ରୀ ଦତ୍ତ ପହଞ୍ଚିବା ପରେ ବିଜେପିର କର୍ମୀ ଓ ସମର୍ଥକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଶ୍ରୀ ଦତ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଦତ୍ତ ପଞ୍ଚାୟତ ପରିକ୍ରମା କରିବା ସହ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ବାହାବଳପୁର ଠାରେ ଏକ ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରକୁ ବିଧାୟକ ଶ୍ରୀ ଦତ୍ତ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ଅନନ୍ତ ନାୟକ, ମଣ୍ଡଳ ସଭାପତି ବିଜୟ ଦାସ, ବିଜୟ ନାୟକ, ସରପଞ୍ଚ ରାମ ନାରାୟଣ ଦିବେଦୀ, ଲକ୍ଷ୍ମୀଧର ମନ୍ତ୍ରୀ, ବିମଳ ସାହୁ, ରଶ୍ମିତା ମଣ୍ଡଳ, ସୁଶୀଲ ମଣ୍ଡଳ, ଶୁଭ୍ରାଂଶୁ ବାରିକ, ଗଣେଶ ମାଇତି, ଶଶିକାନ୍ତ ବାରିକ, ଗଣେଶ ପାଳ, ରଞ୍ଜିତା ବାରିକ, ଦିଲ୍ଲୀପ ପାତ୍ର, ସୁଧାଂଶୁ ବାରିକ, କାର୍ତ୍ତିକ ମଣ୍ଡଳ, କେଶବ ମଣ୍ଡଳ, କାହ୍ନୁ ବେରା, ସୁକୁମାର ପାତ୍ର, ମହେଶ୍ୱର ମାନ୍ନା, ରବୀନ୍ଦ୍ର ଜେନା, ରାଜକିଶୋର ପରିଡ଼ା ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ।

# ସମୁଦ୍ରରୁ ମାଛଧରି ଫେରିଲେ ମତ୍ସ୍ୟଜୀବୀ




ବାଲେଶ୍ୱର, ୨୫।୬(ସମିସ):

ପହିଲି ରଜରେ ଅନୁକୂଳ ସମୟ ଦେଖି ଗଭୀର ସମୁଦ୍ରକୁ ମାଛ ମାରିବାକୁ ବାହାରି ଯାଇଥିଲେ ବାଲେଶ୍ୱରର ଶହ ଶହ ମତ୍ସ୍ୟଜୀବୀ। କଟକଣା ହଟିବା ପରେ ମତ୍ସ୍ୟଜୀବୀମାନେ ବୋଟ୍, ଟ୍ରଲର୍ ନେଇ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ। ବର୍ତ୍ତମାନ କିଛି ବୋଟ୍ ମାଛ ଧରି ଫେରିସାରିଥିବା ବେଳେ ଆଜି କିଛି ବୋଟ୍, ଟ୍ରଲର୍ ପରେ ଫେରିବ ବୋଲି ଜଣାପଡ଼ିଛି। କିଛି ବୋଟ୍ ଫେରିବା ପରେ ପୁଣି ସମୁଦ୍ର ଭିତରକୁ ମାଛ ମାରିବାକୁ ବାହାରି ଯାଇଛି। କଟକଣା ଉଠିବା ପରେ ଦରିଆ ଭିତରକୁ ମାଛ ମାରିବାକୁ ଯାଇ ଚିଙ୍ଗୁଡି, ଶିଳା, ଫିରିକି, କଣ୍ଟିଆ ଆଦି ମାଛ ଧରିଛନ୍ତି ମତ୍ସ୍ୟଜୀବୀ। ଯେଉଁଥିରେ ଅଧିକ ଲାଭ ନ ଥିଲେ ବି କେବଳ ଖର୍ଚ୍ଚ ଉଠିପାରିଛି ବୋଲି ମତ୍ସ୍ୟଜୀବୀ ତଥା ଟ୍ରଲର୍ ମାଲିକ କହିଛନ୍ତି। ଅନ୍ୟପଟେ ପ୍ରତିବର୍ଷ ଏହି ସମୟରେ ବାଲେଶ୍ୱରରେ ଇଲିସି ଉତ୍ପାଦନ ହେବା ଆରମ୍ଭ ହୋଇଯାଇଥାଏ। ହେଲେ ଏବର୍ଷ ବର୍ଷା ନ ଥିବା କାରଣରୁ ମତ୍ସ୍ୟଜୀବୀଙ୍କ ହାତରେ ଇଲିସି ନାହିଁ। କଟକଣା ହଟିବା ପରେ ପୁଣିଥରେ ସ୍ୱାଭାବିକ ଭାବେ ବାଲେଶ୍ୱରରେ ଟ୍ରଲର୍ ଚାଲିବା ଆରମ୍ଭ ହୋଇଯାଇଛି। ଟ୍ରଲର, ବୋଟ୍ ଏବଂ ଜାଲ ଆଦିକୁ ସଜଡା ସଜଡ଼ି କରି ଗଭୀର ସମୁଦ୍ର ଭିତରକୁ ବାହାରି ଯାଇଥିଲେ ମତ୍ସ୍ୟଜୀବୀ ଓ ବ୍ୟବସାୟୀ। ଶୁଭ ଦିନ ଦେଖି ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି। ତେବେ ଚଳିତବର୍ଷ ବର୍ତମାନ ସୁଦ୍ଧା ଭଲ ବର୍ଷା ହୋଇନଥିଲେ ବି ଭଲ ମାଛ ପଡ଼ିବା ଆଶାରେ ରହିଛନ୍ତି ଟ୍ରଲର ମାଲିକ ତଥା ମତ୍ସ୍ୟଜୀବୀ। ସେହି ଅନୁସାରେ ମାଛ ମାରି କିଛି ବୋଟ୍, ଟ୍ରଲର୍ ଫେରିଛନ୍ତି। ସେମାନେ ବିଶେଷକରି ଛୋଟ ଛୋଟ ସାମୁଦ୍ରିକ ମିଛ ଏବଂ ଚିଙ୍ଗୁଡି, ଫିରିକି ମାଛ, ଶିଳା, କଣ୍ଟିଆ ଆଦି ଧରିଛନ୍ତି।

ସୂଚନାଯୋଗ୍ୟ, ବାଲେଶ୍ୱରରେ ବଳରାମଗଡ଼ି, ବାହାବଳପୁର, ଚନ୍ଦନେଶ୍ୱର, ବାଲିଆପାଳ ଏବଂ ଗୋପାଳପୁର ମୁହାଣରୁ ଟ୍ରଲର ବାହାରି ସାମୁଦ୍ରିକ ମାଛ ଧରିବାକୁ ବାହାରେ। ଏଥିମଧ୍ୟରୁ ବାହାବଳପୁର ଓ ବଳରାମଗଡ଼ିରୁ ଅଧିକ ମାତ୍ରାରେ ସାମୁଦ୍ରିକ ମାଛ ଉତ୍ପାଦନ ହୋଇଥାଏ। ବାହାବଳପୁରରେ ପ୍ରାୟ ୩୧୫ ଟି ଟ୍ରଲର୍ ଥିବାବେଳେ ୪୦୦/୫୦୦ ଟି ଭୁଟଭୁଟି ରହିଛି। ସେହିପରି ଚାନ୍ଦିପୁରରେ ୩୮୦ ଟି ଟ୍ରଲର୍ ଥିବାବେଳେ ୪୦ଟି ଭୁଟଭୁଟି ରହିଛି। ଏହି ୬୧ ଦିନ କଟକଣାରେ କେବଳ ଭୁଟଭୁଟି ଚାଲୁଥିଲା। ବନ୍ଦ ଥିଲା ଟ୍ରଲର୍ ଓ ବୋଟ୍ ଚଳାଚଳ। ବର୍ତମାନ ପୂର୍ବପରି ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ଯାଇ ବିଭିନ୍ନ ମାଛ ଧରି ବ୍ୟବସାୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସମୟରେ ବାଲେଶ୍ୱରରେ ଇଲିସି ମାଛ ଉତ୍ପାଦନ ହେବା ଆରମ୍ଭ ହୋଇଯାଇଥାଏ। ମାତ୍ର ବର୍ଷା ନଥିବା କାରଣରୁ ଇଲିସି ମାଛ ଉତ୍ପାଦନ ହୋଇନାହିଁ। ପ୍ରଥମ ଦିନରେ ବାହାବଳପୁର ବେସ୍ ରୁ ପ୍ରାୟ ୨୦୦ ଟ୍ରଲର ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇଥିଲେ। ସେଥିରୁ କିଛି ଫେରିଛନ୍ତି ଆଉ କିଛି ଫେରି ନାହାନ୍ତି। ଏ ଭିତରେ ଗ୍ୟାଲେଟ୍ ବୋଟ୍ (ଇଲିସି ସହ ଛୋଟ ମାଛ ଧରେ) ଓ ଟ୍ରଲର୍ (ଛୋଟ ମାଛ, ଚିଙ୍ଗୁଡି ଓ ପାମ୍ ପ୍ଲେଟ୍ ଧରେ) ସମୁଦ୍ର ଭିତରକୁ ଯାଇଥିଲେ। ଫେରିଥିବା କିଛି ବୋଟ୍ ଫିରିକି, ଚିଙ୍ଗୁଡି ଧରିଛନ୍ତି। ଯାହା ଲୋକାଲ୍ ବଜାରରେ ବିକ୍ରି ହେବ। ଗୋଟିଏ ଗୋଟିଏ ବୋଟ୍ ୩-୪ ଲକ୍ଷ ଟଙ୍କାର ମାଛ ଧରି ଫେରିଛନ୍ତି। ଲାଭ ନ ହେଲେ ବି ଖର୍ଚ୍ଚ ଉଠିଛି। ତେବେ ବର୍ତ୍ତମାନ ସାମୁଦ୍ରିକ ମାଛ ଉତ୍ପାଦନ ବି ଢେର୍ କମିଛି। ବର୍ଷା ନଥିବାରୁ ଇଲିସି ଆଦୌ ନାହିଁ। କାରଣ ପୂବାଲୀ ପବନ ଏବଂ ଜୋର୍ ବର୍ଷା ହେଲେ ହିଁ ଗଭୀର ସମୁଦ୍ରରେ ମାଛ ମିଳେ। ବିଶେଷକରି ବାଙ୍ଗଲାଦେଶରୁ ଇଲିସି ଆସେ। ହେଲେ ଏଥର ଇଲିସି ନାହିଁ ବୋଲି ସଂଘ ସଭାପତି ବିକାଶ ଦାସ କହିଛନ୍ତି। ଏସମସ୍ତ ଟ୍ରଲର ଓ ବୋଟ୍ ବାହାବଳପୁରରୁ ବାହାରି ମାଛ ଧରିବାକୁ ପୁରୀ, ବାଙ୍ଗଲାଦେଶ ବର୍ଡର ଏବଂ ଚିଲିକା ପର୍ଯ୍ୟନ୍ତ ଯାଆନ୍ତି। ପ୍ରାୟତଃ ୮ ଦିନ ପରେ ମାଛ ମାଛ ଧରି ଫେରିଛନ୍ତି ମତ୍ସ୍ୟଜୀବୀ। 'ବଳରାମଗଡ଼ି ବେସ୍ ରୁ ପ୍ରାୟ ୧୦୦ଟି ଟ୍ରଲର ମାଛ ଧରିବାକୁ ବାହାରି ଯାଇଥିଲା। ଏବେ ପ୍ରାୟ ୫୦ ଟି ଟ୍ରଲର ଫେରିଛି। ଆଉ କିଛି ଫେରିବ। ବର୍ଷା ନାହିଁ, ତେଣୁ ଇଲିସି ନାହିଁ। କେବଳ ଚିଙ୍ଗୁଡି, ପାମ୍ ପ୍ଲେଟ, ଶିଳା, କଣ୍ଟିଆ ଆଦି ମାଛ ଉତ୍ପାଦନ ହୋଇଛି। ମତ୍ସ୍ୟଜୀବୀମାନେ ବିଶେଷ ଲାଭ ନପାଇଲେ ବି କ୍ଷତି ମଧ୍ୟ ହୋଇନାହିଁ' ବୋଲି ବଳରାମଗଡ଼ି ବେସ୍‌ର ଏଏଫଓ ଓମପ୍ରକାଶ ରଣା ସୂଚନା ଦେଇଛନ୍ତି।

## ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

ବାଲେଶ୍ୱର, ୨୫।୬(ସମିସ): ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି କର୍ଫ୍ୟୁ ପରିସ୍ଥିତି ଦୃଷ୍ଟିରୁ ସବୁଦିଗରୁ ବିଚାର କରି 'ମନା'ର ଅଷ୍ଟମ ବାର୍ଷିକ ସମ୍ମିଳନୀ 'ଆତିଥ୍ୟ ସଭାଗୃହ'ରେ ଆସନ୍ତା ୨୯ ତାରିଖ ଶନିବାର ଦିବା ୧୦ ଟାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏଣୁ 'ମନା'ର ସମସ୍ତ ସଦସ୍ୟ ଓ ବ୍ଲକସ୍ତରୀୟ ସଦସ୍ୟ ସଦସ୍ୟାମାନେ ଯୋଗ ଦେବାକୁ ସଭାପତି ପ୍ରଭାକର ସାହୁ ଓ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଅନୁରୋଧ କରିଛନ୍ତି। ଏହି ବୈଠକରେ ସର୍ବଶ୍ରୀ ସୁବ୍ରତ କର, ସୁକୁମାର ରଣା, ଡ. କ୍ଷିତୀଶ୍?ର ଦାଶ, ବେଣୁଧର ସାହୁ, ସୀତାରାମ ପ୍ରଧାନ, ଶୁଭଙ୍କର ମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ, ଭାରତୀ ପଣ୍ଡା, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଗଢ଼ା ଚାଲିଛି ତିନି ରଥ



● ଛାତ କାର୍ଯ୍ୟ ଶେଷ ଓ ଚୂଳି କାମ ଆରମ୍ଭ

ନୀଳଗିରି, ୨୫।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମା ଗତ ୨୨ତାରିଖରେ ଶେଷ ହୋଇ ଥିବା ବେଳେ ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବାକୁ ଆଉ ମାତ୍ର ୧୨ ଦିନ ବାକି ରହିଲା। ଠିକ ସେହିଭଳି ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ରଥଯାତ୍ରା ଆସନ୍ତା ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ଆଉ ମାତ୍ର ୧୩ ଦିନ ବାକି ରହିଲା। ଏଥିଲାଗି ମୁଖ୍ୟ ମହାରଣା ସତ୍ୟନାରାୟଣ ମହାରଣାଙ୍କ ନେତୃତ୍ୱରେ ତିନି ରଥରେ ୪୨ଟି ଚକ ଓ ୨୧ଟି (୧୪ ଫୁଟିଆ ଲମ୍ବ ଏବଂ ୧୦ ଇଞ୍ଚ ଓସାରର) ଅଖ ନିର୍ମାଣ କାର୍ଯ୍ୟ ଓ ରଙ୍ଗ ଦିଆ କାର୍ଯ୍ୟ ସରିଛି। ଏହି ଦୃଷ୍ଟିରୁ ରଥଖଳା ଏବେ ବେଶ ଚଳଚଞ୍ଚଳ। ତିନି ରଥ ପାଇଁ ଏବେ ୨ଗୋଟି ବରାନ୍ଦ, ୧୨ ଗୋଟି ଠିଆ ଓ ଭୁଗୁଡ଼ା କାର୍ଯ୍ୟ ଶେଷ ହୋଇଥିବା ବେଳେ ଛାତ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୩ ତାରିଖରେ ୪ଟି ସୁନା ଖମ୍ବ, ଚୂଳି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟ ମହାରଣା ସୂଚନା ଦେଇଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ୧୪ ଜଣ ଭୋଇ ସେବକ ଦିନ ସଂଖ୍ୟା ନିୟୋଜିତ ଅଛନ୍ତି। ରୂପକାର ମାନେ ଶ୍ରୀନୃସିଂହ, ସୂର୍ଯ୍ୟ ଦେବ, ପାର୍ଶ୍ୱ ଦେବଦେବୀଙ୍କ ଖୋଦେଇ କାମ ଚାଲୁ ରଖିଛନ୍ତି। ରଥରେ ଲାଗୁଥିବା ଲୁହା କଣ୍ଟା ଓ ବଳା କମାର ଶାଳରେ ତିଆରି କାମ ଏକପ୍ରକାର ସରିଥିବା ମୁଖ୍ୟ ମହାରଣା କହିଛନ୍ତି।

## ଆହାର କେନ୍ଦ୍ରରେ ଖାଦ୍ୟ ନ ମିଳିବାରୁ ଉତ୍ତେଜନା

ଜଳେଶ୍ୱର ବ୍ଲକ, ୨୫।୬ (ସମିସ):



ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଥିବା ଆହାର କେନ୍ଦ୍ରରେ ୫ ଟଙ୍କିଆ ଖାଦ୍ୟ ନ ମିଳିବାରୁ ସେଠାରେ ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ମ୍ୟୁନିସିପାଲିଟି ଚେୟାରମ୍ୟାନ ଓ ସିଟି ମିଶନ ମ୍ୟାନେଜର ଓ ଅଫିସ ଆସିଷ୍ଟାଣ୍ଟ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁସାରେ ଜଳେଶ୍ୱର ହସ୍ପିଟାଲର ଆହାର କେନ୍ଦ୍ରକୁ ମ୍ୟୁନସିପାଲିଟିର ୧୨ ନମ୍ବର ୱାର୍ଡ଼ର ମନ୍ଦାକିନୀ ଏସ୍‌ଏଚ୍‌ଜି ଗ୍ରୁପ ପ୍ରତ୍ୟେକ ଦିନ ୨ ଶହ ମିଲ ଆହାର କେନ୍ଦ୍ରରେ ବାଣ୍ଟିବାକୁ ଟେଣ୍ଡର ନେଇଛନ୍ତି। ଆହାର କେନ୍ଦ୍ରକୁ ନିୟମ ସମୟ ଅନୁସାରେ ସକାଳ ୧୦ ଘଟିକାରୁ ଦିନ ୩ଟା ମଧ୍ୟରେ ପ୍ରତି ମିଲ ପାଞ୍ଚ ଟଙ୍କାରେ ହସ୍ପିଟାଲରେ ଥିବା ରୋଗୀ ଏବଂ ତାଙ୍କର ସମ୍ପର୍କୀୟ ମାନଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଛି। ହେଲେ ମଙ୍ଗଳବାର ଦିନ ଦଶଟା ତିରିଶ ମିନିଟ୍ ସମୟରେ ଆହାର କେନ୍ଦ୍ର ଖୋଲିଥିବା ବେଳେ ଏଗାରଟା କୋଡ଼ିଏ ମିନିଟ ସୁଦ୍ଧା ସମସ୍ତ ମିଲ୍ ସରି ଯାଇଥିଲା। ହସ୍ପିଟାଲର ଅନ୍ତେବାସୀ ଖାଳିନା ଗ୍ରାମର କାଦମ୍ବିନୀ କର, ଆମ୍ବିଳିଆଠା ଗ୍ରାମର ସୁସ୍ମିତା ପ୍ରଧାନ, ନାଙ୍ଗୁଡ଼ୁସାହି ଗ୍ରାମର ଶୁଭଶ୍ରୀ ପାତ୍ର, ଷ୍ଟେସନ ବଜାରର ସସ୍ମିତା ଖଟୁଆ, ପଶ୍ଚିମବାର୍ଡ଼ି ଗ୍ରାମର ସେକ ହୁସେନ, ଆର ଆର ପୁର ଗ୍ରାମର ସସ୍ମିତା ଗିରି, ତପନ କୁମାର ରାଉତ, ଶାନ୍ତିଆ ଗ୍ରାମର ଅଜିତ ସାହୁ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଲୋକ ଆହାର କେନ୍ଦ୍ରରୁ ଖାଦ୍ୟ ପାଇ ନ ଥିଲେ। ୧୦ଟା ୩୦ ମିନିଟ ରୁ ୧୧ ଟା ୨୦ ମିନିଟ ମାତ୍ର ୫୦ ମିନିଟ ମଧ୍ୟରେ ୨ ଶହ ମିଲ କେମିତି ସରିଲା ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଜଳେଶ୍ୱର ଅଞ୍ଚଳର କିଛି ନାମୀଦାମୀ ଲୋକ ମାନଙ୍କ ପାଇଁ ପାର୍ସଲ ଯାଉଥିବା ବେଳେ ବିଚରା ମେଡିକାଲରେ ଥିବା ରୋଗୀ ସମ୍ପର୍କୀୟ ମାନେ ଖାଦ୍ୟ ନ ପାଇ ଭୋକିଲା ରହୁଥିବା ଅଭିଯୋଗ ହେଉଛି। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ଥିବା ଖବର ପାଇ ଘଟଣାସ୍ଥଳରେ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ସିଟି ମିଶନର ମ୍ୟାନେଜର ଦେବାଶିଷ ବିଶ୍ୱାଳ ଓ ଅଫିସ ଆସିଷ୍ଟାଣ୍ଟ ବିଶ୍ୱଜିତ ପରିଡ଼ା ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ ଗ୍ରୁପର ମହିଳା ମାନେ ୨ ଶହ ମିଲର ଟୋକନ ସବୁ ପାଣିରେ ପକାଇ ନଷ୍ଟ କରି ଦେଇଥିଲେ। ପୁଣି ମିଲ ବିକ୍ରିର ଯାଞ୍ଚ ସମୟରେ ମହିଳାଙ୍କ ଭେନିଟି ବ୍ୟାଗରୁ ୨ ଶହ ଓ ଏକ ଶହ ଟଙ୍କିଆ ନୋଟ ବାହାରି ଥିଲା। ଏଥିରୁ ସ୍ପଷ୍ଟ ବାରି ହେଉଛି କି ଜଳେଶ୍ୱର ଆହାର କେନ୍ଦ୍ରରେ ପ୍ରତ୍ୟେକ ଦିନ ୨ ଶହ ମିଲ ବିକ୍ରି ହେଉନାହିଁ କିମ୍ବା ଆହାର କେନ୍ଦ୍ର ଦ୍ୱାରା ବଡ଼ ଧରଣର ଘୋଟାଲା ହୋଇ ଚାଲିଛି। ଯାହା ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବା ବେଳେ ରୋଗୀର ସମ୍ପର୍କୀୟ ମାନେ ଜଳେଶ୍ୱର ମ୍ୟୁନିସିପାଲିଟିକୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନିୟମିତତା ଅଭିଯୋଗ ଆଣିଲେ ରୋଗୀ ସମ୍ପର୍କୀୟ

## ହରିପୁର ଗ୍ରାମରେ ହରିଭକ୍ତି ପ୍ରଦାୟିନୀ ଧର୍ମସଭା



ଚୌକି, ୨୫।୬ (ସମିସ): ସମୟର ଅନନ୍ତ ସ୍ରୋତରେ ଲୀନ ହୋଇଯାଏ ବର୍ଷ, ମାସ, ଦିନ ଓ ଦଣ୍ଡ। ବିଗତ ଦିନର ହର୍ଷ ବିଷାଦ, ଅନନ୍ତ ଉଲ୍ଲାସ, ଆବେଗ, ଅନୁଭୂତିର ସ୍ମୃତି ରହିଯାଏ। ଚିର ଅମଳିନ। ସନାତନ ଧର୍ମର ସୁରକ୍ଷା ଦକ୍ଷେ ଯୁଗବତାର ମହାପ୍ରଭୁ ଶ୍ରୀଶ୍ରୀ ଗୌରାଙ୍ଗ ଦେବ ଅବତାର ଗ୍ରହଣ ପୂର୍ବକ ଯେଉଁ ମହାମନ୍ତ୍ର ଦ୍ୱାରା ମାନବ ସମାଜକୁ ରକ୍ଷା କରିଥିଲେ। ସେହି ମାନବ ସମାଜର ଚେତନା ଜାଗରଣ ହେତୁ ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ହରିପୁର ଗାଁର ହରିଭକ୍ତି ପ୍ରଦାୟନୀ ଧର୍ମସଭା ପକ୍ଷରୁ ଦୀର୍ଘ ୬୨ ଧରି ଆଧାତ୍ମିକ ସଭା ଓ ଅନ୍ନମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ଆଜି ଧର୍ମସଭା ଓ ଅନ୍ନମହତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିନାମ ସଂକୀର୍ତ୍ତନ ସହିତ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ନଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ରହି ମହାପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଆଖ ପାଖ ୨୨ଟି ଗ୍ରାମର ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲା ବେଳେ ସମାଜସେବୀ ଅଂଶୁମାନ ମହାନ୍ତି, ଗ୍ରାମର ମୁଖ୍ୟ ଡ. ହରିଶ୍ ଚନ୍ଦ୍ର ମହାନ୍ତି ଶିକ୍ଷାବିତ ଜଗନ୍ନାଥ ବେଜ, ଦେହୁର୍ଦା ସଦସ୍ୟା ପ୍ରତିନିଧି ସୁବଳ ଜେନା, ଦିଲୀପ ଦତ୍ତ, ବସନ୍ତ ଦତ୍ତ, ଶ୍ରୀକାନ୍ତ ଦତ୍ତ, ଗୌରାଙ୍ଗ ବେହେରା, ସାମ୍ବାଦିକ ଦିଲୀପ କୁମାର ଦାସ, ଶିକ୍ଷକ ଶ୍ୟାମାପଦ ଦତ୍ତ, ଦିଲୀପ ପାଣିଗ୍ରାହୀ, ଶ୍ୟାମସୁନ୍ଦର ବେଜ, ପ୍ରଦୀପ ଦାସଅଧିକାରୀ, ଅଶୋକ ଦତ୍ତ, ବଳରାମ ବେହେରା, ସୁଧିର ବେଜ ପ୍ରମୁଖ ବହୁସଂଖ୍ୟକ ଲୋକ ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ କଳା ଦିବସ ପାଳିତ




ନୀଳଗିରି, ୨୫।୬ (ସମିସ): ନୀଳଗିରି ବିଜେପି ପାର୍ଟି କାର୍ଯ୍ୟାଳୟରେ ୨୫ ଜୁନ କଳା ଦିବସକୁ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଆଜିର ଏହି କଳା ଦିବସ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉପସଭାପତି କରୁଣାକର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ବିଜେପି ନେତାଙ୍କ ମଧ୍ୟରେ ଯୋଗେନ୍ଦ୍ର ରାଉତ, ଜିଲ୍ଲା ସମ୍ପାଦକ ସମର ଶଙ୍କର କାନୁନଗୋ, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ରବୀନ୍ଦ୍ର ନାୟକ, ମନୋରଞ୍ଜନ ବେହେରା, ବିଜୟ କୁମାର ଆଚାର୍ଯ୍ୟ, ପ୍ରଦୀପ ଦାସ, କୃତିବାସ ବେହେରା ପ୍ରମୁଖ ଯୋଗ ଦେଇ ଅତୀତର ସେହି କଳାଦିବସର କରୁଣ କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନୀଳଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତା ପ୍ରମୁଖ ଶତାଧିକ ବିଜେପି ନେତା ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ




ରୂପସା, ୨୫।୬ (ସମିସ): ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ମାଧ୍ୟମରେ ଉକ୍ତ ଘଟଣା ଜଣାପଡ଼ିବା ପରେ ଘଟଣାଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୧୯୧୨ ମସିହାରେ ନିର୍ମାଣ ହୋଇଥିବା ଉକ୍ତ ପ୍ରାଥମିକ ବିଦ୍ୟାଳୟଟିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୫ରୁ ଅଧିକ ପିଲା ଏବେ ଅଧ୍ୟୟନରତ ଅଛନ୍ତି। ଏହା ସଦର ବ୍ଲକର ସର୍ବ ପୁରାତନ ବିଦ୍ୟାଳୟ ମଧ୍ୟରେ ଅନ୍ୟତମ ଅଟେ। ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟ ଓ ବିଦ୍ୟାଳୟକୁ ଆସୁଥିବା ସରକାରୀ ଅର୍ଥସବୁ ବାଟ ମାରଣା ହେଉଥିବାରୁ ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ ସବୁ ଠପ୍ ହୋଇଯାଇଛି। ତେବେ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟକୁ ଆସିଥିବା ଲକ୍ଷାଧିକ ଟଙ୍କାରେ କୌଣସି କାର୍ଯ୍ୟ ନ କରି ଏହି ଅର୍ଥ ସବୁ ହଡ଼ପ କରାଯାଇଛି। ସେହିଭଳି ବଗିଚା ଓ ଲାଇବ୍ରେରୀ ଅର୍ଥ ସବୁ ମଧ୍ୟ ବାଟ ମାରଣା ହୋଇଛି। ବିଦ୍ୟାଳୟ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଆସୁଥିବା ଅର୍ଥକୁ ମଧ୍ୟ ସଠିକ ଭାବେ ବିନିଯୋଗ କରାଯାଇ ନଥିବା ଓ ବିଦ୍ୟାଳୟକୁ ଆସିଥିବା ଉନ୍ନୟନ ମୂଳକ ଅର୍ଥରାଶିକୁ ବିଭିନ୍ନ ସପ୍ଲାୟର୍ସ ମାନଙ୍କର ମିଛ ବିଲ୍ ଦେଇ ପ୍ରଧାନ ଶିକ୍ଷକ ଦୀପକ ମହାନ୍ତି ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସଦର ବିଇଓ ରାସମଣି ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଯୋଗ ବାଦଦରେ ଅବଗତ ଅଛନ୍ତି ଓ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟାଳୟକୁ ଆସି ସ୍ପଷ୍ଟୀକରଣ ରଖିବା ଲାଗି କୁହାଯାଇଥିବା ପ୍ରତିକ୍ରିୟାରେ କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ବାଲେଶ୍ୱର, ୨୫।୬(ସମିସ): ସଦର ବ୍ଲକ ଶାସଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସଙ୍କ ଏକାଦଶାହରେ ସ୍ମୃତିସଭା ନାରାୟଣ ପ୍ରସାଦ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ହରପ୍ରସାଦ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବିଜେଡି ନେତା ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ ଚରଣ ରାଉତ, ସମାଜସେବୀ ସତ୍ୟେନ୍ଦ୍ର ନାରାୟଣ ଦାସ, ଚନ୍ଦନ ମଲ୍ଲିକ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସେଠି, କମଳାକାନ୍ତ ଦାସ, ଦ୍ୱିଜେନ୍ଦ୍ର ନାରାୟଣ ଦାସ, ବିକାଶ କୁମାର ଦାସ, ତାଙ୍କ ବଡଭାଇ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଏହି ସ୍ମୃତିସଭା ଆରମ୍ଭ କରିଥିଲେ। ପ୍ରଦୀପ କୁମାର ଦାସଙ୍କ ଶାସଙ୍ଗ ପଞ୍ଚାୟତରେ ଯେଉଁ ଅବଦାନ ସେ ବିଷୟରେ ତାଙ୍କ ସ୍ମୃତିଚାରଣ ସମୟରେ ସମସ୍ତେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଟାର୍ଡ ଏକାଉଣ୍ଟାଣ୍ଟ ସଞ୍ଜୀବ ନାୟକ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଜେନା, ସୁଧାନିଧି ଦାସ, ଚକ୍ରଧର ସାହୁ, ସଚିନ୍ଦ୍ର ମହାନ୍ତି, ସୁବୋଧ ଦାସ, ମିଳନ ମଲ୍ଲିକ, ଦର୍ଶନ ମଲିକ, ଜୁବୁଲି ପଣ୍ଡା, ଯୁଗଳ ମହଲ, ରବୀନ୍ଦ୍ର ଘଡେଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ।









## କ୍ଷେତକୁ କେବେ ମିଳିବ ସୁବର୍ଣ୍ଣରେଖା କେନାଲ ପାଣି

ରାଇବଣିଆ, ୨୫।୬(ସମିସ):



ସାଧାରଣତଃ ପ୍ରତ୍ୟେକ ବର୍ଷ ସୁବର୍ଣ୍ଣରେଖା ନଦୀରେ ବନ୍ୟା ବନ୍ୟା ଆସିଥାଏ ଏହି ବନ୍ୟାର ପ୍ରତିକାର ସହ ପଥୁରିଆ ଉଚ୍ଚା ଅଞ୍ଚଳ ରାଇବଣିଆ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ଆରମ୍ଭ ହୋଇଥିବା ସୁବର୍ଣରେଖା ବହୁମୁଖୀ ଜଳସେଚନ ପ୍ରକଳ୍ପକୁ ୧୦ରୁ ୧୨ବର୍ଷ ବିତି ଯାଇଥିଲେ ବି ଚାଷ ଜମିକୁ ମିଳିପାରିନାହିଁ ଜଳସେଚିତ ପାଣି। ଫଳରେ ଜଳେଶ୍ୱର ତହସିଲ ରାଇବଣିଆ ଥାନା ଇଲାକାର ହଜାର ହଜାର ଚାଷୀ ଆଶା ଓ ଆଶଙ୍କାରେ ରହିଛନ୍ତି। ସୁବର୍ଣ୍ଣରେଖା ବହୁମୁଖୀ ଜଳସେଚନ ପ୍ରକଳ୍ପ ଅଧିନରେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ହରଣାଶୁଳ ଗାଁ ନିକଟରୁ ଜଳେଶ୍ୱର ତହସିଲର ଶିଖରପୁର ଯାଏଁ ମୋଟ ୨୬.୮୬୧ କିମି କେନାଲ ସହ ରାଞ୍ଚି କେନାଲ ରହିଛି। ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ଦେଢ଼ କିମି ଥିବାବେଳେ ଅବଶିଷ୍ଟ ଜଳେଶ୍ୱର ତହସିଲ ଇଲାକା ମଧ୍ୟରେ ରହିଛି। ଏହି ପ୍ରକଳ୍ପ ଯୋଗୁଁ ଜଳେଶ୍ୱର ବ୍ଲକର ୮ ହଜାର ଓ ମୟୂରଭଞ୍ଜ ଜିଲ୍ଲାର ୧୫ ଶହ ହେକ୍ଟର ଜମିକୁ ମିଶାଇ ମୋଟ ୯ ହଜାର ୫୦୦ ହେକ୍ଟର ଜମିକୁ ଜଳସେଚିତ କରିବାକୁ ଯୋଜନା ଥିଲା। ପ୍ରକଳ୍ପ ପାଇଁ ପାଖାପାଖି ୩୦୦ ହେକ୍ଟର ଜମିକୁ ଅଧିଗ୍ରହଣ କରାଯାଇଥିବା ବେଳେ ୨୦୧୪ ମସିହାରେ ପ୍ରକଳ୍ପ ହରଣାଶୁଳ ଗାଁ ନିକଟରୁ ଆରମ୍ଭ ହୋଇଥିଲା। କିନ୍ତୁ ଏହା ଭିତରେ ଦଶ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ଏବେ ବି କାମ ଶେଷ ହୋଇନାହିଁ। କିଛି ମାସ ତଳେ ଜଳେଶ୍ୱର ତହସିଲ ରାଇବଣିଆ ଉପ ଶାଖା ଅଞ୍ଚଳରେ ଥିବା ଚାଫଲା, ପେଣ୍ଡରାସାହି ଓ ଭଦୁଆ ଯାଏଁ ପରୀକ୍ଷାମୂଳକ ଭାବେ କେନାଲରେ ପାଣି ଛଡ଼ା ଯାଇଥିଲା ମାତ୍ର ବାକି ଅଞ୍ଚଳକୁ ବର୍ତ୍ତମାନ ସୁଦ୍ଧା ପାଣି ମାଡି ପାରୁନି। ଗତ ଦଶ ବର୍ଷରେ ସରକାର ବହୁ ପ୍ରତିଷ୍ଠିତ ଏହି ପ୍ରକଳ୍ପ ପାଇଁ କେବଳ ଜଳେଶ୍ୱର ତହସିଲ ଅଞ୍ଚଳରେ ତିନି ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାରୁ ଚାଷୀଙ୍କ ଜମିକୁ ଅବିଳମ୍ବେ ପାଣି ଯୋଗାଇ ଦିଆଯାଉ ବୋଲି ବାମପନ୍ଥୀ ନେତା ଦୀପ୍ତିମାନ ଆଚାର୍ଯ୍ୟ, କଂଗ୍ରେସ ନେତା ସୁଦାମ ପାତ୍ର, ହେମନ୍ତ ଗିରି, ସମାଜ ସେବୀ ସନ୍ତୁଶ ଜେନା, କୃଷକ ନେତା ସମୀର ପାତ୍ର, ଗଣେଶ ସୋରେନ, ଉଦ୍ଧବ ନାଥ ମର୍ମୁ ପ୍ରମୁଖ ସହିତ ଅଞ୍ଚଳବାସୀ ଦାବି କରିଛନ୍ତି।

ଚାତକ ଭଳି ଚାହିଁଛି ଚାଷୀ

### ସରିବାକୁ ବସିଲାଣି ଜୁନ୍; ବର୍ଷାର ଦେଖା ନାହିଁ

# ୮ ବ୍ଲକରେ ସ୍ୱଳ୍ପବୃଷ୍ଟି; ୫ ବ୍ଲକରେ ନିଅଣ୍ଟିଆ ବର୍ଷା

କେନ୍ଦୁଝର,୨୫।୬(ସମିସ)



କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଜୁନ ମାସରେ ସ୍ୱଳ୍ପ ବୃଷ୍ଟି ଚାଷୀକୁଳକୁ ଚିନ୍ତାରେ ପକାଇଲାଣି। ଫଳରେ ଖରିଫ ଫସଲ ନିମନ୍ତେ ରୁଆ, ବେଉଷଣ କାମ ପଛାଇଗଲାଣି।

ସୂଚନା ଅନୁସାରେ ଜୁନ ମାସରେ ଜିଲ୍ଲାର ୮ଟି ବ୍ଲକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ରେକର୍ଡ ହୋଇଥିବା ବେଳେ ୫ଟି ବ୍ଲକ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ଫଳରେ ଜୁନ ମାସ ବର୍ଷା ଚାଷୀକୁ ଯେଉଁ ସୁଫଳ ଦେଇଥାଏ ସେଥିରୁ ବଞ୍ଚିତ ହୋଇ ଚାଷୀକୁଳ ଚିନ୍ତାରେ ଅଛନ୍ତି। ଏପରିକି ବିଗତ ତିନିବର୍ଷରେ ଜୁନ ମାସରେ

## ଆଗେଇପାରୁନି ଖରିଫ୍ ଫସଲ ଚାଷ କାମ

ହୋଇଥିବା ବର୍ଷା ତୁଳନାରେ ଏବର୍ଷ ଅନେକ କମ୍ ବର୍ଷା ହୋଇଛି। ଚାଷୀ ଅକ୍ଷୟ ତୃତୀୟାରୁ ତାର ଚାଷ କାମ କରି ଧାନ ଅନୁକୂଳ କରିଥାଏ। ମାତ୍ର ଏବର୍ଷ ଜୁନ ମାସରେ ସ୍ୱଳ୍ପ ବୃଷ୍ଟି ଓ ନିଅଣ୍ଟିଆ ବର୍ଷା ଚାଷ ବିଳମ୍ବ ହେବାର ଏକ ଲକ୍ଷଣ ବୋଲି ଚାଷୀମାନେ କହୁଛନ୍ତି।

ସାଧାରଣତଃ ଜୁନ ମାସରେ ଜିଲ୍ଲାରେ ୧୯୧.୨୫ ମିଲିମିଟର ବର୍ଷା ହୋଇଥାଏ। ବିଗତ ୨୦୨୧ ଜୁନ ମାସରେ କେନ୍ଦୁଝରରେ ହାରାହାରି ୧୪୭.୭୮ ମିଲିମିଟର ବର୍ଷା ହୋଇଥିଲା। ୨୦୨୨ରେ ଜିଲ୍ଲାରେ ୧୧୯.୦୬ ମିଲିମିଟର ବର୍ଷା ହୋଇଥିଲା। ୨୦୨୩ ବର୍ଷ ଜୁନ ମାସରେ କେନ୍ଦୁଝର ଜିଲ୍ଲାରେ ୧୩୫.୩୩ ମିଲିମିଟର ବର୍ଷା ହୋଇଥିଲା। କିନ୍ତୁ ଏବର୍ଷ ଅନେକ କମ ବର୍ଷା ହୋଇଛି। ଏବର୍ଷ ଜୁନମାସରେ ହାରାହାରି ମାତ୍ର ୭୨.୬୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଯାହାକି ଜୁନମାସର ସାଧାରଣ ବର୍ଷା ଠାରୁ ୬୧.୯୯ ମିଲିମିଟର ନିଅଣ୍ଟିଆ ରହିଛି। ସୂଚନା ମୁତାବକ ଏବର୍ଷ ଚଳିତ ଜୁନ ମାସରେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ଚମ୍ପୁଆ ବ୍ଲକରେ ସବୁଠାରୁ କମ୍ ବର୍ଷା ରେକର୍ଡ ହୋଇଛି। ଏଠାରେ ସାଧାରଣ ବର୍ଷା ଠାରୁ ୯୦.୯୫ ପ୍ରତିଶତ ବର୍ଷା ନିଅଣ୍ଟିଆ ରହିଛି। ଜୁନମାସରେ ଅନ୍ୟ ବ୍ଲକ ଅପେକ୍ଷା ତେଲକୋଇ ବ୍ଲକରେ ସର୍ବାଧିକ ୧୨୮.୪୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। କୃଷି ବିଭାଗ ସୂଚନା ଅନୁସାରେ ଚଳିତ ଜୁନରେ ସାଧାରଣ ବର୍ଷା ଠାରୁ ଆନନ୍ଦପୁର ବ୍ଲକରେ ୪୦.୫୫ ପ୍ରତିଶ ସ୍ୱଳ୍ପ ବୃଷ୍ଟି ହୋଇଥିବା ବେଳେ ଘସିପୁରା ବ୍ଲକ ଅଞ୍ଚଳରେ ୩୪.୨୨ପ୍ରତିଶତ, ହାଟଡ଼ିହି ବ୍ଲକରେ ୮୩.୪୮ ପ୍ରତିଶତ, ଘଟଗାଁ ବ୍ଲକ ଅଞ୍ଚକରେ ୪୮.୫୫ପ୍ରତିଶତ, ହରିଚନ୍ଦନପୁର ବ୍ଲକରେ ୬୬.୦୧ପ୍ରତିଶତ, ପାଟଣା ବ୍ଲକ ଅଞ୍ଚଳରେ ୬୭.୭୪ପ୍ରତିଶତ, ସାହାରପଡା ବ୍ଲକରେ ୭୯.୭୮ ପ୍ରତିଶତ କମ ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ଚଳିତ ଜୁନ ମାସରେ ୫୩.୪୬ ପ୍ରତିଶତ, ବାଂଶପାଳ ବ୍ଲକରେ ୪୮.୧୩ ପ୍ରତିଶତ, ତେଲକୋଇ ବ୍ଲକ ଅଞ୍ଚଳରେ ୩୨.୮୬ ପ୍ରତିଶତ, ଚମ୍ପୁଆ ବ୍ଲକରେ ୯୦.୯୫ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ସେହିପରି ଝୁମ୍ପୁରା ବ୍ଲକ ଅଞ୍ଚଳରେ ୭୧.୬୬ ପ୍ରତିଶତ ଏବଂ ଯୋଡ଼ା ବ୍ଲକ ଅଞ୍ଚଳରେ ୮୯.୫୪ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ସୂଚନା ମିଳିଛି। ଲଘୁଚାପ ଆସୁଥିବା ପାଣିପାଗ ବିଭାଗ କହୁଥିବା ବେଳେ ଜୁନ ସରିବାରୁ ଆଉମାତ୍ର ୫ ଦିନ ବାକି ରହିଛି। ଇତିମଧ୍ୟରେ କେବଳ ଜଳମଗ୍ନ ବେଡ଼ା ଜମିକୁ ଛାଡ଼ଦେଲେ ଅନ୍ୟ ଜମିମାନଙ୍କରେ ଚାଷ କାମ ହୋଇପାରିନାହିଁ। ଚାଷୀ ବର୍ଷାକୁ ଅପେକ୍ଷା କରି ରହିଛି। ଖରିଫ ଋତୁରେ ହେଉଥିବା ମକ୍କା, କୋଳଥ, ମାଣ୍ଡିଆ, ବାଜରା, ପନିପରିବା ଫସଲରେ ବିଳମ୍ବ ହେଉଛି। ଆଗାମୀ ଦିନରେ ଭଲ ବର୍ଷା ହେଲେ ନିଅଣ୍ଟିଆ ଭରଣା ହେବା ସହିତ ଚାଷୀକୁଳ ଖରିଫ ଧାନ ଫସଲ ପାଇଁ ତାର ଚାଷ ଆଗେଇନେବାକୁ ଅନାଇ ବସିଛି।

### ● ସରପଞ୍ଚଙ୍କୁ ଅଶାଳୀନ ବ୍ୟବହାର ଘଟଣା

## ଅଭିଯୁକ୍ତ ଯୁବକ ଗିରଫ

ତୁରୁମୁଙ୍ଗା,୨୫।୬(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖୀରେଇଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ସୋମବାର ପଞ୍ଚାୟତର ହାଟ, ପୋଖରୀ ନିଲାମ ଚାଲିଥିବା ସମୟରେ ସେହି ପଞ୍ଚାୟତ ନୂଆଗାଁ ଗ୍ରାମର ହିମାଂଶୁ ନାଏକ ମଦନିଶାରେ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ସରପଞ୍ଚ ସଞ୍ଜୁଲତା ନାଏକଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଠେଲାପେଲା କରିଥିଲେ। ସେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚିରିବା ସହ ୧୨ ହଜାର ଟଙ୍କା ନେଇ ପଳାଇଥିବା ସରପଞ୍ଚ ସଞ୍ଜୁଲତା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ କରି ହିମାଂଶୁଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୨୦୮/୨୪ରେ ମାମଲା ରୁଜୁ ହୋଇଛି।

## ଭାଙ୍ଗି ପଡ଼ିଛି ପୌରପାଳିକା କଲ୍ୟାଣ ମଣ୍ଡପ ପାଚେରି



ଆନନ୍ଦପୁର,୨୫।୬(ସମିସ): ଆନନ୍ଦପୁର ପୌରାଞ୍ଚଳ ୭ନଂ ୱାର୍ଡ ବ୍ରିଜ ଛକଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଆନନ୍ଦପୁର ପୌରପାଳିକାର କଲ୍ୟାଣମଣ୍ଡପ ପାଚେରୀ ଗାଡି ଧକାରେ ଭାଙ୍ଗି ଯିବାରୁ କଲ୍ୟାଣମଣ୍ଡପ ପରିସରରେ ଜମୁଛି ମଦର ପସରା। ଗତ ୭ ଦିନ ଧରି ଏହି କଲ୍ୟାଣ ମଣ୍ଡପ ମୁକୁଳା ପଡିଥିଲେ ମଧ୍ୟ ଭାଙ୍ଗିଯାଇଥିବା ପାଚେରିକୁ ନିର୍ମାଣ କରାଯାଉନଥିବାରୁ କଲ୍ୟାଣ ମଣ୍ଡପ ପରିସରରେ ଥିବା କୋଟି କୋଟି ଟଙ୍କାର ସମ୍ପତି ଅସୁରକ୍ଷିତ ହୋଇପଡିଛି। ଯଦିଓ କଲ୍ୟାଣମଣ୍ଡପ ମୁଖ୍ୟ ଫାଟକରେ ତାଲା ପଡିରହୁଛି, ତେବେ ଭାଙ୍ଗି ଯାଇଥିବା ପାଚେରି ବାଟରେ ଏପରି ମଦର ଆସର ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗିରହୁଛି। ସେହିପରି ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଯାତ୍ରୀ ପ୍ରତୀକ୍ଷାଳୟ କାମରେ ଲାଗୁନଥିବା ବେଳେ ସନ୍ଧ୍ୟା ପରେ ଏହି ବିଶ୍ରାମଗାର ସୁରା ସାଗରରେ ପରିଣତ ହୋଇଛି। ପୌରପାଳିକା ପକ୍ଷରୁ କିଛି ବର୍ଷ ପୂର୍ବେ ବ୍ରିଜ ଛକସ୍ଥିତ କଲ୍ୟାଣମଣ୍ଡପ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ କରାଯାଇଥିଲା। ମାତ୍ର ଏବେ ଏହାର ଚତୁପାର୍ଶ୍ୱରେ ଗଛଲତା, ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେବା ସହିତ ପାର୍ଶ୍ୱରେ ଦେଶୀ ଓ ବିଦେଶୀ ମଦ ଦୋକାନ ଥିବାରୁ ଏହି ପ୍ରତିକ୍ଷାଳୟ ମଦର ଆସର ପାଲଟିଛି। ତେବେ ପୌରପାଳିକା କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ସ୍ଥାନରେ ପ୍ରତୀକ୍ଷାଳୟ ଖୋଲିବାକୁ ସାଧାରଣରେ ଦାବି ହୋଇଛି ।

### ■ ଚମ୍ପୁଆ-ରିମୁଳି ଜାତୀୟ ରାଜପଥ

## ପାର୍ଶ୍ୱରେ ମୋରମ ପକାଇବା ଭେଳିକି



ଚମ୍ପୁଆ,୨୫।୬(ସମିସ): ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟଠାରୁ ରିମୁଳି ଜାତୀୟ ରାଜପଥ ନଂ.୨୦ ସଦ୍ୟ ମରାମତି ସରିଛି। ମାତ୍ର ଏବେବି ସ୍ଥାନେସ୍ଥାନେ ପିଚୁ ଉଠିଯାଇ ରାସ୍ତାର ଗୋଟିଏ ପଟେ ଜମା ହୋଇ ରହୁଛି। ଯାହା ଫଳରେ ମୋଟର ସାଇକଲ ଏବଂ ୪ଚକିଆ ଛୋଟ ଗାଡି ଯାତାୟାତ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାଛଡା ହମ୍ପସ ଆଦି ସ୍ଥାନମାନଙ୍କରେ ଧଳା ଦାଗ ନଦେବା ଦ୍ୱାରା ମୋଟର ସାଇକଲ ଆରୋହୀ ରାସ୍ତାର ହମ୍ପସ ଆଦିକୁ ଜାଣିପାରୁନାହାଁନ୍ତି। ଯାହାଫଳରେ ଉକ୍ତ ରାସ୍ତାରେ ୨ରୁ ୩ଜଣ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏତଦ୍‌ବ୍ୟତୀତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ମ ଲାଇନରେ ସ୍ଥାନେ ସ୍ଥାନେ ମୋରମ ଦିଆଯାଇଥିଲା ବେଳେ ବହୁ ସ୍ଥାନରେ ମୋରମ ଆଦୌ ଦିଆଯାଇ ନାହିଁ। ଯେଉଁ ଜାଗାରେ ମୋରମ ଦିଆଯାଇଛି ସେହି ମୋରମଗୁଡିକ ଅତି ନିମ୍ନମାନର ଏବଂ ଅଧିକ ମାଟି ଅଂଶ ରହୁଥିବାରୁ ସାମାନ୍ୟ ବର୍ଷାହେଲେ ସେ ରାସ୍ତାରେ ମୋଟର ସାଇକଲ ଚଳାଇବା କାଠିକର ପାଠ ହେଉଛି। ଯଦି ରାସ୍ତାରେ ଦୁଇଟି ଯାନ ଯାଉଛି ତେବେ ବାଧ୍ୟ ହୋଇ ମୋଟର ସାଇକଲ ଚାଳକ ବର୍ମ ଲାଇନରେ ଯାଉଛି। ଯାହାଫଳରେ ବର୍ମଲାଇନରେ ଯାତାୟାତ କରିବା କାଠିକର ପାଠ ହେଉଛି। ରାସ୍ତା ନିର୍ମାଣର ୩ମାସ ହୋଇନି ରାସ୍ତାର ବହୁ ସ୍ଥାନରେ ପିଚୁ ଉଠିବାକୁ ବସୁଛି। ବର୍ମଲାଇନରେ ଉଭୟପାର୍ଶ୍ୱରେ ୬ଫୁଟ ରୁ ୮ଫୁଟ ମୋରମ ପକାଯାଇ ସମତୁଲ କରି ରୋଲର ଦ୍ୱାରା ଚପାଯାଇ ତାର ଗନ୍ତବ୍ୟ ପଥକୁ ଗମନାଗମନ ଯୁକ୍ତ କରିବା ନିୟମ ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ କିଭଳି ଭାବେ ଠିକାଦାରକୁ ବିଲ କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଏ ଦିଗରେ ଜାତୀୟ ରାଜପଥ ବିଭାଗ ଦୃଷ୍ଟିଦେବାକୁ ଦାବି ହେଉଛି।

### ● ଫକୀରପୁର ଡାକ୍ତରଖାନାରେ ବୋଡ଼ା ସାପ

## ସାପକାମୁଡ଼ାରେ ସଫେଇ କର୍ମଚାରୀ ଗୁରୁତର

ଆନନ୍ଦପୁର,୨୫।୬(ସମିସ): ଆନନ୍ଦପୁରର ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବୋଡ଼ାସାପର ଆତଙ୍କ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ତେବେ ଏହି ବୋଡ଼ା ସାପ ଗତ ୩ ଦିନ ହେବ ଦେଖାଯାଇଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ବନବିଭାଗକୁ ସୂଚନା ନଦେବା କିମ୍ବା ସ୍ନେକହେଲ୍ପ ଲାଇନର ସହଯୋଗ ନ ଲୋଡିଥିବାରୁ ଆଜି ଡାକ୍ତରଖାନା ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀ ଗୟାଧର ମୁଖୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରୁଥିବା ବେଳେ ପାଇଖାନା ଟାଙ୍କି ନିକଟରେ ସାପ କାମୁଡ଼ାର ଶିକାର ହୋଇଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର ପାଇଁ ଆନନ୍ଦପୁର ଡାକ୍ତର ପରାମର୍ଶ ଦେଇଥିଲେ। ଆର୍ଥିକ ଅନଗ୍ରସର ପରିବାରର ଗୟାଧରଙ୍କୁ କଟକ ନିଆଯାଇ ପାରୁନଥିବା ଅଭିଯୋଗ ହୋଇଛି। ତେବେ ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କିମ୍ବା କର୍ମଚାରୀ ଏହି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝୁନଥିବାରୁ ସଫେଇ କର୍ମଚାରୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡିଛି। ଏଣୁ ଆନନ୍ଦପୁର ରୋଗୀ କଲ୍ୟାଣ ସମିତି ପକ୍ଷରୁ ଚିକିତ୍ସା ପାଇଁ ଆବଶ୍ୟକୀୟ ସହଯୋଗ ଓ ସହାୟତା ଯୋଗାଇ ଦେବାକୁ ବିଜେପି ଯୁବନେତା ସନ୍ତୋଷ କୁମାର ଜେନା ଦାବି କରିଛନ୍ତି।

## ଚଷା ସମାଜ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ତେଲକୋଇ,୨୫।୬(ସମିସ): ନବ ନିର୍ବାଚିତ ବିଧାୟକ ଡା. ଫକୀର ମୋହନ ନାଏକଙ୍କୁ ତେଲକୋଇ ଚଷା ସମାଜ ପକ୍ଷରୁ ଆଜି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଚଷା ସମାଜ ସଭାପତି



ବିଜୟ କୁମାର ପ୍ରଧାନ, ସମ୍ପାଦକ ବାସବରାଜ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ବିଧାୟକକୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ପ୍ରଧାନ, ବିଜୟ କୁମାର ପ୍ରଧାନ, ନାରାୟଣ ପ୍ରଧାନ, ଶତ୍ରୁଘନ ସାହୁ, ସୋମନାଥ ପ୍ରଧାନ, ଭ୍ରମରବର ସାହୁ, ଯଶୋବନ୍ତ ପ୍ରଧାନ, ଦେବରାଜ ପ୍ରଧାନ, ଅକ୍ଷୟ ପ୍ରଧାନ, ଡିଲେଶ୍ୱର ସାହୁ, ଅନକୂଳ ବିଶ୍ୱାଳ, ପ୍ରମୋଦ କୁମାର ସାହୁ, ଲୋକନାଥ ପ୍ରଧାନ ପ୍ରମୁଖ ଶତାଧିକ ଚଷା ସମାଜର ସଦସ୍ୟ ଯୋଗଦେଇଥିଲେ। ଅଞ୍ଚଳର ୪ଟି ଦାବିକୁ ବିଧାୟକଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଥିଲା। ତେଲକୋଇକୁ ସବ୍‌ଡିଭିଜନ ଘୋଷଣା, ଡିହଡୋଳଠାରୁ କାଞ୍ଜିପାଣି ରାସ୍ତାକୁ ଷ୍ଟେଟ ହାଇୱେର ମାନ୍ୟତା ସହିତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ତାଳଚେର ଠିରୁ ଭାୟା ତେଲକୋଇ ଦେଇ ଖଡ଼ଗପୁରକୁ ରେଳ ରାସ୍ତା ସଂଯୋଗ ପ୍ରମୁଖ ଦାବି ଉପସ୍ଥାପନା କରାଯାଇଥିଲା। ବିଧାୟକ ସମସ୍ତ ଦାବି ଉପରେ ଏବଂ ତେଲକୋଇର ବିକାଶ ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ପ୍ରକାଶ କରିଥିଲେ।

## କୁଡୁମୀ ସେନା ପକ୍ଷରୁ ଦାବିପତ୍ର ପ୍ରଦାନ



ଆନନ୍ଦପୁର,୨୫।୬(ସମିସ): ଆନନ୍ଦପୁର କୁଡୁମୀ ସେନା ପକ୍ଷରୁ କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୂର୍ବପରି ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୂର୍ବ ପରି ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଅଣଦେଖା କରାଯାଇଥିବାରୁ କୁଡୁମୀ ସଂପ୍ରଦାୟ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତିବାଦରେ ଆଜି କୁଡୁମୀ ସଂପ୍ରଦାୟର କର୍ମକର୍ତ୍ତାମାନେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ ଜଣାଇବା ସହିତ ଏହି ଦାବିକୁ ପୁରଣ କରିବା ପାଇଁ କୁଡୁମୀ ସେନା ରାଜ୍ୟ ଉପସଭାପତି ଉପେନ୍ଦ୍ର ମହାନ୍ତ, ଅନନ୍ତ ଚରଣ ମହାନ୍ତ, ଚନ୍ଦ୍ରୁ ମହାନ୍ତ, ଦୂର୍ଯ୍ୟୋଧନ ମହାନ୍ତ, ସତ୍ୟରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ କୁଡୁମୀ ସେନା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ● ହାଣ୍ଡିଆ ଠାରରେ ବଢୁଛି ଚୋରା ମହୁଲିମଦ ବିକ୍ରି

## ଅସୁରକ୍ଷିତ ହେଉଛି ମରେଇଗାଁ-ବଳିପୁର ବନ୍ଧ ରାସ୍ତା

ହାଟଡ଼ିହୀ,୨୫।୬(ସମିସ): ହାଟଡ଼ିହୀ ଅବକାରୀ ଥାନା ଅଧିନରେ ଥିବା କେତେ ଗୁଡ଼ାଏ ସରକାରୀ ମହୁଲିମଦ ବିକ୍ରୟ ଦୋକାନ ମଦ୍ୟପଙ୍କ ପାଇଁ ପର୍ଯ୍ୟାପ୍ତ ହେଉନଥିବା ପରି ମନେହେଉଛି। ମରେଇଗାଁ ଠାରୁ ବଳିପୁର ଯାଏଁ ଲମ୍ବିଥିବା ବାରିକମିସ୍ତ୍ରି ବନ୍ଧରାସ୍ତା କଡ଼ରେ ଥିବା ବିଭିନ୍ନ ଗଛ ତଳେ ହାଣ୍ଡିଆ ବିକ୍ରି ହେଉଥିବା ବେଳେ ହାଣ୍ଡିଆ ବିକ୍ରିକୁ ଆଖିଠାର ମାରି କିଛି ଅସାଧୁ ମଦ ବେପାରୀ ଚାଳଘର, ଭଙ୍ଗା କ୍ୟାବିନ ଆଦିରେ ଅବାଧରେ ଜୋରଦାର ଚୋରା ମହୁଲିମଦ ବେପାର ଚଳାଉଥିବା ଦେଖାଯାଇଛି। ମରେଇଗାଁ ଠାରୁ ବଳିପୁର ନୂଆଗାଁ ଯାଏଁ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୀମାରେ ଅନ୍ତର୍ଭୁକ୍ତ। ପ୍ରତିଦିନ ସେହି ଅଞ୍ଚଳର ବିଭିନ୍ନ ଗାଁ ମାନଙ୍କରୁ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଏଇ ବାରିକମିସ୍ତ୍ରୀ ବନ୍ଧରାସ୍ତାରେ ଯା'ଆସ କରିଥା'ନ୍ତି। ହାଟଡିହି ଓ ଛେନାପଦି ଠାରେ ମହାବିଦ୍ୟାଳୟ ଥିବାରୁ ଅନେକ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ଗମନାଗମନ କରନ୍ତି। ବନ୍ଧରାସ୍ତାର ବିଭିନ୍ନ ଖୋଲା ସ୍ଥାନ ମାନଙ୍କରେ କ୍ରମଶଃ ଅବାଧ ମହୁଲିମଦ ବିକ୍ରି ଯୋଗୁଁ ଉକ୍ତ ରାସ୍ତା ଅସାମାଜିକଙ୍କ ଆ‡ାସ୍ଥଳୀ ପାଲଟିଛି। ଦିନବେଳା ଶୂନଶାନ ସମୟରେ କୌଣସି ମହିଳା ପଥିକ ଏକାକୀ ଯିବା ଅସୁରକ୍ଷିତ ହୋଇପଡୁଛି। ଆନନ୍ଦପୁର ଉପଜିଲ୍ଲାପାଳ ଏହାକୁ ଅତ୍ୟନ୍ତ ଗୁରୁତର ସହ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏଦିଗରେ ତଦନ୍ତ କରାଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚୋରା ମହୁଲିମଦ ବେପାରୀଙ୍କ ଉପରେ ଆଇନର ଲଗାମ ଲଗାଇବାକୁ ସାଧାରଣରେ ଦାବି ହେଉଛି।

### ଜନଜାତିଙ୍କୁ ମିଳୁଛି ରୋଜଗାର

# ବନଜାତ ଫଳମୂଳରେ ଭରପୂର ହାଟବଜାର



କେନ୍ଦୁଝର,୨୫।୬(ସମିସ)

କେନ୍ଦୁଝର ଜିଲ୍ଲା ବଣ ଜଙ୍ଗଲ ଘେରା ଜିଲ୍ଲା ଭାବେ ସାରା ରାଜ୍ୟରେ ପରିଚିତ। ଏ ଜିଲ୍ଲାର ବଣ ଜଙ୍ଗଲ ଗୁଡିକରେ ଶାଳ, ପିଆଶାଳ, ସମେତ ବିଭିନ୍ନ ପ୍ରକାରର ଫଳ ଫୁଲ ଗଛଲତାରେ ପରିପୂର୍ଣ୍ଣ। ଏହି ଜଙ୍ଗଲ ଗୁଡିକରେ ଥିବା ଫଳ ଫୁଲ ଗଛ ମାନଙ୍କରେ ଫଳୁଥିବା ଫଳଫୁଲ ବିଭିନ୍ନ ଋତୁରେ ହୋଇଥାଏ। ବର୍ଷର ସମସ୍ତ ଋତୁରେ ଫଳ ଫୁଲ ଫୁଟିଥାଏ। ଏହି ଫଳମୂଳ ସଂଗ୍ରହ କରି ବନବାସୀମାନେ ସେମାନଙ୍କର ପରିବାର ପରିପୋଷଣ କରିଥାନ୍ତି। ଜିଲ୍ଲାର ବିଭିନ୍ନ ବନାଞ୍ଚଳମାନଙ୍କରେ ଏଭଳି ଶହ ଶହ ବନବାସୀ ବର୍ଷ ତମାମ ଭଳିକି ଭଳି ବନଜାତ ଦ୍ରବ୍ୟ ସଂଗ୍ରହ କରି ରୋଜଗାରକ୍ଷମ ହୋଇଛନ୍ତି। ଏବେ ଗ୍ରୀଷ୍ମ ଋତୁ ଶେଷ ହୋଇଛି; ବର୍ଷା ଋତୁ ଆସିବା ସମୟ ହୋଇଛି। ଏ ସମୟରେ ବଣଜଙ୍ଗଲ ଗୁଡିକରେ ଝରଣା ଆମ୍ବ, ପଣଷ, ଖଜୁରୀ କୋଳି, କୁସୁମ କୋଳି, ଜାମୁକୋଳି ସମେତ ବିଭିନ୍ନ କିସମର ଫଳ ବଜାରରେ ବିକ୍ରୟ ହେଉଛି। ସେହିଭଳି ଝରଣା ଆମ୍ବ, ଆମ୍ବସଢ଼ା ମଧ୍ୟ ବଜାର ହାଟରେ ମାଳମାଳ ଉପଲବ୍ଧ ହେଲାଣି। ଜିଲ୍ଲାର ଲୋକେ ଋତୁ ଅନୁସାରେ ଫଳ ଖାଇବାର ଅନୁଭୂତିକୁ କେବେ ଭୁଲନ୍ତି ନାହିଁ। ତେଣୁ ବଜାରରେ ଉପଲବ୍ଧ ସମସ୍ତ ପ୍ରକାରର ବନଜାତ ଫଳଫୁଲ ଗୁଡିକର ଚାହିଦା ମଧ୍ୟ ଅନେକ। ବନବାସୀମାନେ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ପାଟଣା, ଝୁମ୍ପୁରା ପ୍ରଭୃତି ବ୍ଲକ ଅଞ୍ଚଳରୁ ବନଜାତ ଫଳମୂଳ ଧରି ନିକଟସ୍ଥ ବଜାର ହାଟ ଗୁଡିକରେ ଭାଗ ବା ଖେଜାରେ ତାକୁ ବିକ୍ରୟ କରିଥାନ୍ତି। ଏଗୁଡିକୁ ପାଇବା ପାଇଁ ଗ୍ରାହକ, ବାହାର



ଅଞ୍ଚଳର ବ୍ୟବସାୟୀ ଅପେକ୍ଷା କରିଥାନ୍ତି। ଆସିଲା କ୍ଷଣି ଗ୍ରାହକ କିପରି ତାର ମନ ପସନ୍ଦର ଜଙ୍ଗଲୀ ଫଳଫୁଲ ପାଇବ; ତାକୁ ନେଇ ବେଳେବେଳେ କସରତ କରିବାକୁ ପଡିଥାଏ। ଅନ୍ୟପକ୍ଷରେ ଜଙ୍ଗଲୀ ଫଳ ମୂଳ, ଫୁଲ, ଶାଗ ପ୍ରଭୃତିରେ ପର୍ଯ୍ୟାପ୍ତ ଔଷଧୀୟ ଗୁଣ ରହିଥିବାରୁ ଏଗୁଡିକର ଚାହିଦା ଆଗ ଅପେକ୍ଷା ଏବେ ଅଧିକ ଦେଖାଯାଉଛି। ଜାମୁକୋଳି ଖାଇବା ଦ୍ୱାରା ଅନେକ ଔଷଧୀୟ ଉପକାର ମିଳିବ ସହିତ ମଧୁମେହ ଓ ପଥୁରୀ ରୋଗରୁ ଉପଶମ ମିଳିଥାଏ ବୋଲି ପୁରୁଖା ଲୋକେ କହିଥାନ୍ତି। ତେଣୁ ସହରରେ ସହଜେ ମିଳୁନଥିବା ଜଙ୍ଗଲୀ ଜାମୁକୋଳିର ଆଦର ଅନେକ। ସେହିପରି ବଜାରରେ ମିଳୁଥିବା କୁଳିଆରି ବା କୁଇଲାରୀ ସାଗର ଚାହିଦା ଅନେକ। କୁଇଲାରୀ ସାଗରେ ଭରପୁର ଔଷଧୀୟ ତତ୍ତ୍ୱ ଥିବାରୁ ଲୋକେ ଏହାକୁ ସଂଗ୍ରହକରୀ ନିଜେ ଖାଇବା ସହିତ ତାକୁ ବିକ୍ରୟକରି ରୋଜଗାର କରିଥାନ୍ତି। ସେହିଭଳି ସମସ୍ତ ପ୍ରକାରର ଜଙ୍ଗଲୀ ଫଳ, ମୂଳ, ଫୁଲ, ସାଙ୍ଗରେ ଔଷଧୀୟ ତତ୍ତ୍ୱ ରହିଥିବାରୁ ଲୋକେ ଏହାକୁ ଖାଇବାକୁ ପସନ୍ଦ କରିଥାନ୍ତି। ସବୁଠାରୁ ବଡ଼ କଥା ହେଲାଣି ବଜାରରେ ଉପଲବ୍ଧ ଅନ୍ୟାନ୍ୟ ଦେଶୀ ବିଦେଶୀ ଫଳ ମୂଳ ଠାରୁ ଜଙ୍ଗଲୀ ଫଳ ମୂଳଗୁଡିକର ସ୍ୱାଦ ଜମାରୁ କମ ନୁହେଁ। ବରଂ ସେଗୁଡିକ ଅପେକ୍ଷା ବନଜାତ ଫଳମୂଳର ସ୍ୱାଦ ଅଧିକ ଓ ସ୍ୱତନ୍ତ୍ର। ତେବେ ପ୍ରକୃତି ରାଣୀ କେନ୍ଦୁଝର ଜିଲ୍ଲାର ସମସ୍ତ ବଣଜଙ୍ଗଲ ଗୁଡିକରେ ଏସବୁର କମି କରିନାହିଁ। ମାତ୍ର ଧୀରେ ଧୀରେ ଗ୍ରାମାଞ୍ଚଳମାନଙ୍କରେ ଥିବା ଏଭଳି ଫଳମୂଳ ଗଛର ଅଭାବ ଦେଖାଦେଲାଣି। ଆଗରୁ ଥିବା ଏଭଳି ଗଛଲତା ଲୋପ ପାଇବାକୁ ବସିଥିବା ବେଳେ ଏଗୁଡିକର ପୁନଃ ରୋପଣ ହେବା ଜରୁରି ହୋଇପଡ଼ିଲାଣି।





# ସୁବର୍ଣ୍ଣରେଖାର ଦୁର୍ବଳ ନଦୀବନ୍ଧ ମରାମତି ଦାବି

ଜଲେଶ୍ୱର ବ୍ଲକ, ୨୫।୬ (ସମିସ):



ସୁବର୍ଣ୍ଣରେଖା ନଦୀର ୬୨ କିମି କୂଳେ କୂଳେ ପ୍ରାୟ ୮୦ ଟି ଗାଁ ଅବସ୍ଥିତ। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିଲା ବେଳେ ବିଭିନ୍ନ ନଦୀରେ ବନ୍ୟା ସୃଷ୍ଟି ହୋଇଥାଏ। ସେହିପରି ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଅବସ୍ଥିତ ଅଞ୍ଚଳରେ ମଧ୍ୟ ବନ୍ୟା ଦ୍ୱାରା ବିପୁଳ କ୍ଷୟକ୍ଷତି ପରିଲକ୍ଷିତ ହୋଇଥାଏ। ୨୦୦୮ ମସିହାରେ ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କରୀ ବନ୍ୟାରେ ବ୍ୟାପକ ଅଞ୍ଚଳ ପ୍ଳାବିତ ହୋଇଥିବା ବେଳେ ଶହ ଶହ ଲୋକେ ପ୍ରଭାବିତ ହୋଇଥିଲେ। ଦୁର୍ବଳ ନୂଆଁଣିଆ ନଦୀବନ୍ଧ, ମରାମତି ଓ ପଥର ପ୍ୟାଚିଂ ନ ହେବା ସେତେ ବେଳେ ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଥିଲା। ସରକାରଙ୍କ ମହତ୍ତ୍ୱକାଂକ୍ଷୀ ଯୋଜନାରେ ନଦୀ ବନ୍ଧରେ ସଡ଼କ ନିର୍ମାଣ ଓ ପଥର ପ୍ୟାଚିଙ୍ଗ କରି ଯୋଜନା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନଦୀ କୂଳ ଧସିଯିବା ସ୍ଥାନରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଜିଓ ବ୍ୟାଗ ଓ ପଥର ପ୍ୟାଚିଙ୍ଗ ମାଧ୍ୟମରେ ବହୁ ସ୍ଲାପ ନିର୍ମାଣ ହୋଇଛି। ନଦୀ କୂଳ ରାସ୍ତା ଗୁଡିକୁ ଉଚ୍ଚତା ଓ ଓସାରିଆ କରି ପିଚୁ ସଡ଼କ ନିର୍ମାଣ କରା ଯାଇଛି। କିନ୍ତୁ ସଡ଼କର ଦୁଇ କଡ଼ରେ ୩ ଫୁଟ ପାଦ ଚଲା ରାସ୍ତାରେ ମାଟି କିମ୍ବା ନାଲି ମାଟି ଓ ପଥର ପ୍ୟାଚିଙ୍ଗ କାର୍ଯ୍ୟ ହୋଇନାହିଁ। ଫଳରେ ସ୍ୱଳ୍ପ ବର୍ଷା ପାଣି ପ୍ରବାହରେ ଛୋଟ ଛୋଟ ନାଳ ସୃଷ୍ଟି ହୋଇଛି। ୨୦୦୮ ମସିହା ପ୍ରଳୟଙ୍କରୀ ବନ୍ୟାରେ ଗୋବରଘାଟା ପଞ୍ଚାୟତ ଦଳେଇ ସାହି ନିକଟରେ ନଦୀ ବନ୍ଧରେ ଘାଇ ସୃଷ୍ଟି ହୋଇ ଜଲେଶ୍ୱର ସହର ଓ ତଳୁଆ ଅଞ୍ଚଳ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଥିଲା। ଏହି ସ୍ଥାନରେ ପଥର ଗୁଡ଼ିକ ଏଣେ ତେଣେ ପଡ଼ିଥିବା ବେଳେ ବହୁ ସ୍ଥାନରେ ବନ୍ଧ କଡ଼ରେ ପଥର ପ୍ୟାଚିଂ ହୋଇନାହିଁ। ବୈରାଟ ଆଡି ଗାଁଠାରୁ ତ୍ରାହି ଅଚ୍ୟୁତ ମନ୍ଦିର ପର୍ଯ୍ୟନ୍ତ ୧ କିମି ଧରି ପିଚୁ ରାସ୍ତା ହୋଇଛି। କିନ୍ତୁ ଦଳେଇ ସାହିଠାରୁ ପଶ୍ଚିମବଙ୍ଗ ସୀମା ପାତ୍ର ସାହି ପର୍ଯ୍ୟନ୍ତ ନଦୀ ବନ୍ଧ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ଉକ୍ତ ମାଟି ରାସ୍ତା ଓଣ ଓସାରିଆ ହୋଇଥିବା ବେଳେ ମେଟାଲ୍ କିମ୍ବା କୌଣସି ନାଲି ଗୋଡି ପଡ଼ିନାହିଁ। ଫଳରେ ସ୍ଥାନୀୟ ନଦୀ କୂଳିଆ ଲୋକେ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଗତ ବନ୍ୟା ବିପ୍ରାତକୁ ଆଶଙ୍କା କରି ସ୍ଥାନୀୟ ଲୋକେ ଅଣ୍ଟା ଭିଡିଛନ୍ତି। ନିକଟ ଅଞ୍ଚଳରେ ଥିବା ନାଲି ଇଟା ଭାଟିରୁ ଭଙ୍ଗା ଇଟା ଓ ରାବିସ ଗୁଣ୍ଡ ସଂଗ୍ରହ କରି ନଦୀବନ୍ଧ ମରାମତି କରି ସୁଦୃଢ଼ କରିବାକୁ ଚେଷ୍ଟା କରିଛନ୍ତି। ବନ୍ଧ ସୁରକ୍ଷା ଲାଗି ବିଭାଗ ଅପରର୍ଯ୍ୟାପ୍ତ ଟଙ୍କା ବ୍ୟୟ କରୁଥିବା ବେଳେ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ସଡ଼କ ନିର୍ମାଣ ଓ ସୁଦୃଢ଼ୀକରଣ ନ ହେବା ପରିତାପର ବିଷୟ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏ ସମ୍ପର୍କରେ ତଦନ୍ତ କରି, ବାକି ରହିଥିବା ଦୁର୍ବଳ ନଦୀ ବନ୍ଧକୁ ସୁଦୃଢ଼ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ବନ୍ଧକଡ଼ରେ ଓ ସଡ଼କର ଦୁଇ ପଟେ ହୋଇନି କାର୍ଯ୍ୟ**

# ରକ୍ତଶିକୁଳି ପକ୍ଷ ପାଳନ ସଚେତନତା



ସିମୁଳିଆ, ୨୫।୬(ସମିସ): ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଅଧିକାରୀ ସୁଧିର ମୁଦୁଲି ଓ ଜାତୀୟ ସେବା ଯୋଜନା ଅଧିକାରୀ ନରହରି ପେଡ଼ା ଓ ନିରୋଦ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ଶିକୁଳି ରକ୍ତହୀନତା ରୋଗ ସମ୍ପର୍କରେ ଏକ ସଚେତନତା ଶିକ୍ଷାଦାନ କରାଯାଇଥିଲା। ବାଲିଖଣ୍ଡ ଉନ୍ନୀତ ଡାକ୍ତରଖାନାର ଡାକ୍ତର ରଞ୍ଜିତା ବଳୀ ଏବଂ ତାଙ୍କର ସହଯୋଗୀ ଛାତ୍ରଛାତ୍ରୀଙ୍କୁ ଏ ରୋଗର କାରଣ, ନିରାକରଣ, ଭୟାବହତା ସମ୍ପର୍କରେ ଶିକ୍ଷାଦାନ କରିବା ସହ ଅନ୍ୟମାନଙ୍କୁ ଏ ରୋଗ ବିଷୟରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ବିହାରୀ ପ୍ରମୁଖ ସିକିଲ ସେଲ ରୋଗକୁ ଭାରତରୁ ହଟାଇବାକୁ ସମସ୍ତେ ଏକତାବଦ୍ଧ ତଥା ଦୃଢ ସଂକଳ୍ପ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ତ୍ରିଦିବ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମୋବାଇଲ ବଣ୍ଟନ



ରାଜଘାଟ, ୨୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଟାଟା ପାୱାର ପକ୍ଷରୁ ବସ୍ତା ବିଦ୍ୟୁତ ଡିଭିଜନର ଆଜି ୧୨ ଜଣ ସଚେତନ ବିଦ୍ୟୁତ ଉପଭୋକ୍ତାଙ୍କୁ ମୋବାଇଲ ଫୋନ ପୁରସ୍କାର ରୂପେ ବଣ୍ଟନ କରାଯାଇଛି। ଯେଉଁ ଉପଭୋକ୍ତାମାନେ ପ୍ରତି ମାସ ସଠିକ୍ ବିଦ୍ୟୁତ୍ ବିଲ୍ ପୈଠ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଲଟେରି ମାଧ୍ୟମରେ ବଛା ହୋଇଥିବା ୧୨ ଜଣ ଉପଭୋକ୍ତା ମୋବାଇଲ ଫୋନ ପୁରସ୍କାର ପାଇଛନ୍ତି। ସେମାନେ ହେଲେ ଫେବୃଆରୀ ମାସରେ କୃଷ୍ଣଚନ୍ଦ୍ର ଜେନା, କ୍ଷୀରୋଦ କୁମାର ସାହୁ, ଜୟକୃଷ୍ଣ ପାଗଳ, ହୃଦାନନ୍ଦ ମହାନ୍ତି, ଅଖୟ କୁମାର ଦାସ, ଦୟାନିଧି ସାହୁ, ଦୀଲ୍ଲିପ ମଲ୍ଲିକଙ୍କୁ ନେଇ ସାତ ଜଣ ଏବଂ ମାର୍ଚ୍ଚ ମାସରେ ଆରତୀ ରାଜ, ଦୟାନିଧି ବେହେରା, ସଲେମାନ ଖାନ, ବଂଶୀଧର ରାଉଳ, ସୂର୍ଯ୍ୟନାରାୟଣ ରାଉତ ପ୍ରମୁଖ ପାଞ୍ଚ ଜଣ ଲଟେରୀ ମାଧ୍ୟମରେ ବିଜେତା ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବସ୍ତା ଡିଭିଜନ୍‌ର ଯନ୍ତ୍ରୀ ରୁଦ୍ରପ୍ରସାଦ ରଥଙ୍କ ସହ ସହକାରୀ ଯନ୍ତ୍ରୀ ଶଶିକାନ୍ତ ମହାନ୍ତି ଓ ମୁଖ୍ୟ ବାଣିଜ୍ୟ ଅଧିକାରୀ ନିରାକାର ସାହୁ ଯୋଗଦେଇଥିଲେ। ତତସହିତ ଆଗାମୀ ଦିନରେ ସମସ୍ତ ଉପଭୋକ୍ତା ମାନେ ଇଲେକ୍ଟ୍ରୀ ବିଲ୍‌କୁ ଅନଲାଇନ, ଜନସେବା କେନ୍ଦ୍ର ଦ୍ୱାରା ଅବା ମାଇଁ ଟାଟା ପାୱାର ଆପରେ ନିଜର ବିଲ ପୈଠ କରି ଆକର୍ଷଣୀୟ ପୁରସ୍କାର ପାଇପାରିବେ ବୋଲି କହିଥିଲେ ଯନ୍ତ୍ରୀ। ଏଥିସହିତ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ତଥ୍ୟ ୯୪୩୮ ୯୦୬୦୦୨ନମ୍ବର କୁ ଜଣାଇବା ସହିତ, ବିଲ୍ ପୈଠ କରିବା, କନେକସନ ବା ଯେକୌଣସି ସମସ୍ୟା ସମ୍ପର୍କରେ ଟୋଲଫି ନମ୍ବର ୧୯୧୨ ବା ୧୮୦୦୩୪୫୬୭୮୮ ନମ୍ବରରେ ନିଜର ଅଭିଯୋଗ ପଞ୍ଜୀକରଣ କରି ସୁବିଧା ଉଠାଇବାକୁ କହିଥିଲେ।

# ମହିଳାଙ୍କୁ ନ୍ୟାୟ ପାଇଁ ଥାନା ସମ୍ମୁଖରେ ବିକ୍ଷୋଭ




ରାଇବଣିଆ, ୨୫।୬ (ସମିସ): ଜଣେ ଆଦିବାସୀ ମହିଳାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ ସହ ଘର ଭାଙ୍ଗିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ହେଲେ ପୁଲିସ ଏଯାଏ ବିହିତ ପଦକ୍ଷେପ ନେଉନି। ଯାହାକୁ ବିରୋଧ କରି ମାଝୀ ପାରଗାନା ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା କବାଟଘାଟି ଗ୍ରାମର ସୁଦାମ ମୁର୍ମୁଙ୍କ ପତ୍ନୀ ସାଉଁରୀ ମୁର୍ମୁ ଗତ ମାସ ୨୪ ତାରିଖ ଦିନ ଶ୍ରମିକମାନଙ୍କ ଦ୍ୱାରା ନିଜ ଘର ନିର୍ମାଣ କରୁଥିଲେ। ତେବେ ସ୍ଥାନୀୟ କିଛି ଲୋକ ମାରଣାସ୍ତ୍ର ଧରି ଆସିବା ସହ ମୁଲିଆ ଓ ସାଉଁରୀଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏପରିକି ତିଆରି ହୋଇଥିବା ସାଉଁରୀଙ୍କ ଘର ଓ ବାଡ଼କୁ ଭାଙ୍ଗିଦେଇଥିଲେ। ଏ ନେଇ ସାଉଁରୀ ଗ୍ରାମ ମୁଖିଆ ମାଝୀବାବାଙ୍କୁ ଜଣାଇଥିଲେ। ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହେବ ବୋଲି ମାଝୀବାବା ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ସମ୍ଭବ ହୋଇ ନଥିଲା। ଫଳରେ ସାଉଁରୀ ଗତମାସ ୨୮ ତାରିଖ ଦିନ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ଅଭିଯୁକ୍ତଙ୍କ ଉପରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ ବୋଲି ମାଝୀ ପାରଗାନା ଅଭିଯୋଗ କରିଛି। ଏହା ସହ ଆଜି ଜିଲ୍ଲା ମାଝୀ ପାରଗାନା ବୁଦ୍ଧିରାମ ମାଝୀ, ନବୀନ ହାଁସଦା, ସମ୍ପାଦକ କାହ୍ନୁଚରଣ ମୁର୍ମୁ, ବିକ୍ରମ ଟୁଡୁ, ରାମଚନ୍ଦ୍ର ସୋରେନ, ଅନନ୍ତ ହେମ୍ବ୍ରମ ଓ ମାତୁ ମାରାଣ୍ଡିଙ୍କ ନେତୃତ୍ୱରେ ୫୦ ଜଣ ରାଇବଣିଆ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ସହିତ ନ୍ୟାୟ ପାଇଁ ଦାବି କରିଥଲେ।

# ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର




ରାଜଘାଟ, ୨୫।୬ (ସମିସ) : ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦାରୋଡସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ମାଷ୍ଟର ଟ୍ରେନର କନକଲତା ସେନାପତି ଓ ଦେବସ୍ମିତା ବିଦ୍ୟାଳୟର +୩ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ନାୟକ ଅଧ୍ୟକ୍ଷତା କରି ସମାଜରେ ଦୈନନ୍ଦିନ ନାରୀମାନଙ୍କ ଉପରେ ଘଟୁଥିବା ଘଟଣା ଓ ଦୁର୍ଘଟଣାରୁ ବର୍ତ୍ତିବା ଲାଗି ଏହି ଆତ୍ମସୁରକ୍ଷା ଶିବିର ବେଶ୍ ସହାୟକ ହେବ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଡ. ବେଣୁଧର ବେହେରା ଯୋଗ ଦେଇ ସରକାରଙ୍କର ଏତାଦୃଶ ଯୋଜନାକୁ ଉପଯୋଗ କରି ନିଜର ଆତ୍ମ ବିଶ୍ୱାସକୁ ସୁଦୃଢ଼ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜିକା ଡ. ତନୁଜା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଶିବିରଟି ୨୦ଦିନ ଧରି ଚାଲିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

# ନବନିର୍ବାଚିତ ଭୋଗରାଇ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଭୋଗରାଇ, ୨୫।୬(ସମିସ) : ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଆଜି ନବ ନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବିଡିଓ ଉମାକାନ୍ତ ପରିଡ଼ା ସୂଚନା ପ୍ରଦାନ କରିବା ପରେ କାର୍ଯ୍ୟାଳୟର କର୍ମଚାରୀମାନେ ବିଧାୟକ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଭୋଗରାଇ ବ୍ଲକରେ ତାଙ୍କୁ ଲୋକେ ସେବା କରିବାର ସୁଯୋଗ ଦେଇଥିବାରୁ ସେ କୃତଜ୍ଞ। ତେବେ ଲୋକ ସେବା କରିବା କେବଳ ଜଣେ ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ ନୁହଁ ଉଭୟ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ପ୍ରାଥମିକତା, ତେଣୁ ସବୁବେଳେ ତା ଉପରେ ସମସ୍ତେ ଅଗ୍ରାଧିକାର ଦେବା ଆବଶ୍ୟକତା ରହିଛି। ଟିମ୍ ୱାର୍କ ମାଧ୍ୟମରେ, ସ୍ୱଚ୍ଛତା ସହ ଧାର୍ଯ୍ୟ ସମୟସୀମା ଭିତରେ ଲୋକଙ୍କର ସମସ୍ତ କାର୍ଯ୍ୟ କରିବା ପାଇଁ ସେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ସମସ୍ତେ ମିଳିମିଶି ଭୋଗରାଇବାସୀଙ୍କ ସେବା କରିବା ସହ ବିକାଶ କାର୍ଯ୍ୟକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ମିନାରାଣୀ ସାସମଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁଦୀପ୍ତ ରାଉତ, ସହକାରୀ ଯନ୍ତ୍ରୀ ପପୁ ଭୂୟାଁ, ଯୋଗାଣ ନୀରିକ୍ଷକ ସମେଶ୍ୱର ବେହେରା, ସିଡିପିଓ ପବିତ୍ରା ହାଜିରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଞ୍ଚାୟତ ଡାଟା ଏଣ୍ଟ୍ରି ଅଫିସରମାନେ ଉପସ୍ଥିତ ଥିଲେ।



# ମନ୍ଦାରସାହି ପଞ୍ଚାୟତରେ ଷଣ୍ଢ ଆତଙ୍କ



ଚୌକି, ୨୫।୬ (ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତରେ ୧୬ଟି ୱାର୍ଡରେ ଆତଙ୍କ ଚଳାଇଛି ଏକ ଷଣ୍ଢ। ବିଶେଷ କରି ୯ ନମ୍ବର ୱାର୍ଡରେ ଷଣ୍ଢ ପାଇଁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ରାସ୍ତାରେ ଯାଇ ପାରୁନାହାଁନ୍ତି ଲୋକେ। ଲୋକଙ୍କୁ ଦେଖିଲେ ଷଣ୍ଢଟି ମାରିବା ପାଇଁ ଗୋଡାଉଛି। ଷଣ୍ଢ ଗ୍ରାମରେ ଥିବା ଗୁହାଳ ଗୁଡ଼ିକରେ ପଶି ଭାଙ୍ଗିରୁଜି ନଷ୍ଟ କରିଦେଉଛି। ଗ୍ରାମର ଉମାକାନ୍ତ ଦାସ, ରାଜୁ ଗିରି, ବଳଭଦ୍ର ଗିରି, ବୁଲୁ ସାହୁ, ବାପି ସିଟ୍, ସୁଧାକର ଗିରି, ଅନନ୍ତ ଗିରି, କୃଷ୍ଣ ମୋହନ କରଣ ହାଡ଼ ବେହେରା ଆଦି ୧୫ରୁ ଅଧିକ ଲୋକ ଦୁର୍ଘଟଣାରେ ଶିକାର ହେଲେଣି। ଏ ବାବଦରେ ପଶୁ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଷଣ୍ଢକୁ ଧରାଯିବ।

# ୫୯ଟି ବିଦ୍ୟାଳୟକୁ ମିଳିବ ଟାବଲେଟ୍

ଜଲେଶ୍ୱର ବ୍ଲକ, ୨୫।୬ (ସମିସ): ଶିକ୍ଷାର ସୁଧାର ଆଣିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରା ଯାଇଛି। ଏବେ ଅନ୍ୟ ଏକ ଯୋଜନାରେ ଓଡ଼ିଶାର ସମସ୍ତ ବିଦ୍ୟାଳୟକୁ ସରକାର ଟ୍ୟାବଲେଟ ଯୋଗାଉଥିବା ଜଣା ପଡ଼ିଛି। ତଦନୁଯାୟୀ ଜଲେଶ୍ୱର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୮ ତାରିଖ ଅପରାହ୍ନରେ ପ୍ରଥମ ପର୍ଯ୍ୟାୟରେ ମ୍ୟୁନିସିପାଲିଟିର ୭ଟି ପ୍ରାଇମେରୀ ସ୍କୁଲ ଓ ୨ଟି ହାଇସ୍କୁଲରେ ବଣ୍ଟନ କରାଯିବା ସହ ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ୫୦ ଟାବଲେଟ ଜଲେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨୮ ତାରିଖରେ ବଣ୍ଟନ ହେବ ବୋଲି ଜଣା ପଡ଼ିଛି। ଅବଶିଷ୍ଟ ସ୍କୁଲ ଗୁଡ଼ିକରେ ପରେ ବଣ୍ଟାଯିବ।

# 'ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ଆମର କର୍ତ୍ତବ୍ୟ' ଆଲୋଚନାଚକ୍ର

ବାଲେଶ୍ୱର, ୨୫।୬(ସମିସ):




ବାଲେଶ୍ୱର ସହରସ୍ଥ ଷ୍ଟେସନ କ୍ଲବଠାରେ ମଙ୍ଗଳବାର ଦିନ ପୂର୍ବାହ୍ନରେ ସିପିଏମ ପକ୍ଷରୁ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ଆମର କର୍ତ୍ତବ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ରେଡ ସୀତାଂଶୁ ସେନାପତି ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା କମ୍ରେଡ ଜନାର୍ଦ୍ଦନ ପତି ଉପସ୍ଥିତ ରହି କହିଥିଲେ ଦେଶ ଓ ରାଜ୍ୟରେ ରାଜନୈତିକ ପରିସ୍ଥିତି ସମ୍ପର୍କରେ ବାମପନ୍ଥୀମାନଙ୍କର ଭୂମିକା କ'ଣ ହେବ, ୨୦୨୪ ସାଧାରଣ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏହାରି ଭିତରେ କେନ୍ଦ୍ର ନିର୍ବାଚନ ଓ ୪ଟି ରାଜ୍ୟରେ ନିର୍ବାଚନ ହୋଇଛି।୨୦୧୯ରେ ବିଜେପି ୩୦୩ ଆସନ ପାଇଥିଲା। କିନ୍ତୁ ଗତ ୨୦୨୪ ନିର୍ବାଚନରେ ୪୦୦ ପାର ଡାକରା ଦେଇ, ୨୪୦ରେ ରହିଗଲା। ସାରା ଭାରତବର୍ଷର ମତଦାତା ବିଜେପିକୁ ପ୍ରତ୍ୟାଖାନ କଲେ। ଉତ୍ତରପ୍ରଦେଶର ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା କରି ବିଜେପି ପୁଣି ଥରେ କ୍ଷମତା ଦଖଲ କରିବାକୁ ଚେଷ୍ଟା କରିଥିଲାବେଳେ ସେହି ଆସନ ସହିତ ତା'ର ଆଖପାଖ ଅଞ୍ଚଳରେ ୮ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଜେପି ହାରିଛି। ଓଡ଼ିଶାରେ ବିଜେପି ସରକାରକୁ ଆସିଛି। କେନ୍ଦ୍ରରେ ବିଜେପି ସରକାରକୁ ଲୋକମାନେ ପ୍ରତ୍ୟାଖାନ କଲେ ମଧ୍ୟ ମୋଦି ସରକାର ଗଠନ କରିଛି। ଗତ ୧୦ବର୍ଷ ଭିତରେ ୧୮ଲକ୍ଷ ଲଘୁ ଉଦ୍ୟୋଗ ଗୁଡିକ ବନ୍ଦ ହୋଇଛି। ୫୪ ଲକ୍ଷ ଲୋକ ଚାକିରୀ ହରାଇଛନ୍ତି। ତଥାପି ବିଜେପି ରାଜ୍ୟରେ କିଛି ମିଥ୍ୟା ପ୍ରତିଶୃତି ଦେଇ ଓଡ଼ିଶାରେ କ୍ଷମତା ଦଖଲ କରିଛି। ରାଜ୍ୟରେ କ୍ଷମତା ଦଖଲ କରୁକରୁ ବାଲେଶ୍ୱରରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଆଜିର ଏହି ଆଲୋଚନାଚକ୍ରରେ ଜିଲ୍ଲା ସମ୍ପାଦକ କମ୍ରେଡ଼ ଶିଶିର ହୁଇ, କମ୍ରେଡ଼ ବିଜୟ ପାତ୍ର, କମ୍ରେଡ଼ ଦୀପ୍ତିମାନ ଆଚାର୍ଯ୍ୟ, କମ୍ରେଡ଼ ପ୍ରେମରଞ୍ଜନ ପାତ୍ର, ଜିଲ୍ଲା କମିଟି ସଭ୍ୟ ଦିଲ୍ଲୀପ ଗିରି, ହରିପ୍ରିୟା ଜେନା, ଜ୍ୟୋତିରିମୟ ରାଉତ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ ମିଶ୍ର, ଗୋବିନ୍ଦ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବୃକ୍ଷରୋପଣ ନାଁରେ ଅର୍ଥ ହଡ଼ପ ଅଭିଯୋଗ






## ତଥ୍ୟ ସହ ଗଛ ସଂଖ୍ୟାରେ ତାଳ ମେଳ ନାହିଁ

## ଅଭିଯୋଗକୁ ଖଣ୍ଡନ କଲା ଜଙ୍ଗଲ ବିଭାଗ

ଭୋଗରାଇ, ୨୫।୬(ସମିସ) : ସାମୁଦ୍ରିକ ଝଡ଼ ପ୍ରଭାବକୁ ରୋକିବା ସହିତ ଜଳବାୟୁ ପରିବର୍ତ୍ତନ କୁ ସମତୁଲ ରକ୍ଷା ପାଇଁ ବୃକ୍ଷ ରୋପଣ ଏକ ମାତ୍ର ଉପାୟ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବୃକ୍ଷ ରୋପଣ କରାଯାଉଛି। ମାତ୍ର ବିଭିନ୍ନ ସ୍ଥାନରେ କେତେକ ଅସାଧୁ କର୍ମଚାରୀ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରୁନାହିଁ। ଗଛ ଲଗାଇବା ନାଁ ରେ ଅର୍ଥ ଚଳୁ କରାଯାଉଛି। ଏଭଳି ଏକ ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସମୁଦ୍ରତଟ ବର୍ତ୍ତୀ ଉଦୟପୁର ଓ ନାରାୟଣ ମହାନ୍ତି ପଡ଼ିଆ ଗାଁରେ। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ସହିତ ଲାଗିଥିବା ଗଛ ସଂଖ୍ୟା ତାଳ ମେଳ ରହୁ ନଥିଲା ବେଳେ ଏହି ପ୍ରକଳ୍ପ ରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏହାକୁ ଜଙ୍ଗଲ ବିଭାଗ ଖଣ୍ଡନ କରିବା ସହିତ ଅଭିଯୋଗ ପରେ ଖୁବ୍‌ଶୀଘ୍ର ବିଭାଗୀୟ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ନାରାୟଣ ମହାନ୍ତି ପଡ଼ିଆ ସମୁଦ୍ରତଟ ବର୍ତ୍ତୀ ଅଞ୍ଚଳରେ ବୃକ୍ଷ ରୋପଣ ନାଁରେ ବଡ଼ ଘୋଟଲା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗଛ ଲଗାଇବା ନାଁରେ ପ୍ରତିବର୍ଷ କୋଟି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଉଛି। ଆଉ ଏଥିରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁଯାଇ ୨୦୨୨-୨୩ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ମୋଟ ୧୫ ହେକ୍ଟର ଜମିରେ କାମ୍ପା ଯୋଜନାରେ ୨୦ ହଜାର ଗଛ ଲଗାଇବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏଥି ମଧ୍ୟରୁ ନାରାୟଣ ମହାନ୍ତି ପଡ଼ିଆ ଗାଁରେ ୮ ହେକ୍ଟର ଜାଗାରେ ୩୦ ହଜାର ଗଛ ଲଗା ଯାଇଛି।. ହେଲେ ଗଛ ଲାଗିଥିବା ସ୍ଥାନରେ ଫଳକ ଲେଖା ଯାଇଛି ୧୫ ହେକ୍ଟର ଜାଗାରେ ଗଛ ଲଗାଯାଇଛି। ମାତ୍ର ଗଛ କେତେ ଲଗାଯାଇଛି ତାର ସଂଖ୍ୟା ଲେଖା ଯାଇନି। ଅନ୍ୟପକ୍ଷରେ ବାସ୍ତବରେ ବର୍ତ୍ତମାନ ଜମିରେ ମାତ୍ର ୩ ରୁ ୪ ହଜାର ଗଛ ରହିଛି। ହେଲେ ମିଳିଥିବା ସୂଚନା ଅଧିକାର ର ତଥ୍ୟ ମୁତାବକ ଲାଗିଥିବା ଗଛ ରୁ ୯୨ ପ୍ରତିଶତ ଗଛ ବଞ୍ଚିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ଗଛ ଲାଗିଥିଲା ମାତ୍ର ଗଛର ଯତ୍ନ ଅଭାବ ଯୋଗୁଁ ଗଛ ସବୁ ନଷ୍ଟ ହୋଇଯାଇଛି। ଏବେ ଆନୁମାନିକ ୩ହଜାର ହଜାର ଗଛ ବଞ୍ଚିଛି। ଏଥିରୁ ପ୍ରମାଣିତ କରୁଛି ଯେ ବନ ବିଭାଗର ଅଧିକାରୀ ମାନେ ଗଛ ସଂଖ୍ୟା ର ମିଥ୍ୟା ରିପୋର୍ଟ ଦେଇଛନ୍ତି ଏବଂ ଏଥିରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଛି। ସେହିପରି ଭୋଗରାଇର ଉଦୟପୁର ସମୁଦ୍ର ତଟରେ ମଧ ସମାନ ଅବସ୍ଥା। ସେଠାରେ ଲାଗିଥିବା ଫଳକ ଓ ଆର ଟି ଆଇ ରିପୋର୍ଟ ଅନୁଯାଇ ୨୦୨୩-୨୪ ଆର୍ଥିକ ବର୍ଷରେ ୪ ହେକ୍ଟର ଜାଗାରେ କାମ୍ପା ଯୋଜନାରେ ୧୦ ହଜାର ଗଛ ଲଗାଇବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା, ମାତ୍ର ସେଠାରେ ବର୍ତ୍ତମାନ ଆନୁମାନିକ ୫ ହଜାର ଗଛ ରହିଛି। କିନ୍ତୁ ଆରଟିଆଇ ତଥ୍ୟରୁ ୧୦୦ ପ୍ରତିଶତ ଗଛ ଅଛି ବୋଲି ରିପୋର୍ଟରେ ଦର୍ଶା ଯାଇଛି। କେବଳ କାଗଜ କଲମରେ ବିଭାଗୀୟ ଅଫିସର ମାନେ ଗଛ ଠିକଠାକ ରହିଛି ବୋଲି ରିପୋର୍ଟ ପ୍ରଦାନ କରିଛନ୍ତି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଥିବା ବେଳେ ବିଭାଗୀୟ ଅଧିକାରୀ କିନ୍ତୁ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସ୍ଥାନୀୟ ବନପାଳ ସଞ୍ଜୟ କୁମାର ମହାନ୍ତି କହିଛନ୍ତି ଯେ, ଉଦୟପୁରଠାରେ ୪ଏକର ଜମିରେ ପ୍ରାୟ ଲାଗିଥିବା ସମସ୍ତ ଗଛ ବଞ୍ଚିଛି ଏବଂ ନାରାୟଣ ମହାନ୍ତି ପଡ଼ିଆ ଠାରେ ମଧ ଗଛ ବଞ୍ଚିଛି। ମାତ୍ର ଗ୍ରାମବାସୀ ମାନେ ଗୋଟିଏ ପ୍ୟାଚରେ ଲାଗିଥିବା ଗଛ ଦେଖିଛନ୍ତି ମାତ୍ର ଅନ୍ୟ ଏକ ବଡ଼ ପ୍ୟାଚରେ ଲାଗିଥିବା ଗଛ କୁ ନ ଦେଖି ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏନେଇ ଖୁବ୍‌ଶୀଘ୍ର ବିଭାଗୀୟ ତଦନ୍ତ କରି ରିପୋର୍ଟ ଦିଆଯିବ।

## ପାଣିପଞ୍ଚାୟତରୁ ଦୁର୍ବୃତ୍ତ କାଟିନେଲେ ବିଦ୍ୟୁତ୍ ତାର

### ● ଅନିଶ୍ଚିତତାରେ ଚାଷ ଜମିକୁ ପାଣି ଯୋଗାଣ

ଜଳେଶ୍ୱର ବ୍ଲକ, ୨୫।୬ (ସମିସ) : ଗତ ୨ମାସ ଧରି ଜଳେଶ୍ୱର ଥାନା ଅନ୍ତର୍ଗତ ଓଳିନ୍ଦା ଗାଁରୁ ପ୍ରାୟ ୪୦ଟି ଛୋଟ ବଡ ଚୋରି ଘଟିଲାଣି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଗ୍ରାମବାସୀଙ୍କ ପକ୍ଷରୁ ରାତିରେ ପହରା ଦେବା ଓ କେବେକେବେ ପୁଲିସ୍‌ର ପାଟ୍ରୋଲିଂ ହେଉଥିଲେ ମଧ ଏହା ବନ୍ଦ ହୋଇନାହିଁ। ଫଳରେ ଗ୍ରାମବାସୀ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଅନ୍ୟପକ୍ଷରେ ଓଳିନ୍ଦା ଗାଁରେ ଥିବା ଚମ୍ପକେଶ୍ୱର ପାଣି ପଞ୍ଚାୟତ ପାଣିପମ୍ପର ସମସ୍ତ ବିଦ୍ୟୁତ୍ ତାର ଦୁର୍ବୃତ୍ତ କାଟି ନେଇଛି। କୌଣସି କାରଣରୁ ବିଦ୍ୟୁତ୍ ଯୋଗାଣ ନ ଥିବା ବେଳେ ଗତ ୧୯ ତାରିଖରେ ତାର ଚୋରି ହୋଇଥିବା ପାଣିପମ୍ପ ଡ୍ରାଇଭର ଜଣାଇଥିଲା ଓ ଥାନାରେ ଏକ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଟାଟା ପାୱାର ଏଥିଲାଗି ତାର ଯୋଗାଇବାକୁ ଅମଙ୍ଗ ହେବାରୁ ଚଳିତବର୍ଷ ପ୍ରାୟ ୭୦ଏକର ଜମିକୁ ଉଠାଜଳସେଚନରେ ପାଣି ଯୋଗାଇବା ଅସମ୍ଭବ ବୋଲି ଗ୍ରାମ କମିଟିର ସଭାପତି ରାଜୀବ ନାୟକ, ସତ୍ୟଜିତ ଗିରି, ପୂର୍ବତନ ସଭାପତି ରବିନାରାୟଣ ମିଶ୍ର ଓ ସୁବାଶ ଦେ ପ୍ରମୁଖ ଜଣାଇଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

ଜଳେଶ୍ୱର ବ୍ଲକ, ୨୫।୬ (ସମିସ) : ଜଳେଶ୍ୱର ଷ୍ଟେସନ ବଜାର ପେଟ୍ରୋଲ ପମ୍ପ ନିକଟରେ ୨ ବାଇକ ମୁହାଁମୁହିଁ ହେବାରୁ ୨ ଆରୋହୀ ଗୁରୁତର ହୋଇଛନ୍ତି। ପୁଲିସ ସହାୟତାରେ ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ ପରେ ଗୋପ ଗାଁର ନନୀ ଗୋପାଳ କର (୨୫) ଓ ଜଣେ ଅଜଣା ବ୍ୟକ୍ତିକୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇ ଥିବାବେଳେ ବାଇକ ୨ ଟିକୁ ଜବତ କରି ପୁଲିସ ତଦନ୍ତ ଚାଲୁ ରଖିଛି।

## ବିପୁଳ ଦେଶୀମଦ ଜବତ



ସୋର, ୨୫।୬(ସମିସ) : ସୋର ପୌର ପାଳିକା ଅନ୍ତର୍ଗତ କମାଣପୁର ଗ୍ରାମରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କୌଣସି ସୂତ୍ରରୁ ଖବରପାଇ କମାଣପୁର ଗ୍ରାମର ଏକ ବନ୍ଦ ଘରେ ଚଢ଼ାଉ କରାଯାଇ ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ଲିଟର ଦେଶୀ ମଦ ଜବତ କରାଯାଇଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏକ ବିଶେଷ ସୂତ୍ରରୁ ଖବର ପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏଏସଆଇ କେଶବ ଚନ୍ଦ୍ର ବେଶ୍ରା, ନନ୍ଦକିଶୋର ବିଶ୍ୱାଳ, କନେଷ୍ଟବଳ ମନୋଜ କୁମାର ବାରିକ, ଜ୍ୟୋତି ପ୍ରକାଶ ପାତ୍ର ପ୍ରମୁଖ ଏହି ବନ୍ଦ ଘରେ ଚଢ଼ାଉ କରିଥିଲେ। ପରେ ଏଥିରୁ ୨୦ ଟି ଜରି ବୁରାରୁ ୧୦୦୦ ଲିଟରରୁ ଅଧିକ ଦେଶୀ ମଦ ଜବତ କରିଥିଲେ। ତେବେ ଏହି ସ୍ଥାନରେ ଦୀର୍ଘ ଦିନ ଧରି ମଦ ବ୍ୟବସାୟ ଚାଲିଥିବା ପୁଲିସ ସୂଚନା ଦେଇଛି।

## ଖଇରା ଗାନ୍ଧୀଙ୍କ ୧୧୪ତମ ଜୟନ୍ତୀ

ଖଇରା, ୨୫।୬ (ସମିସ): ଖଇରା ଅଞ୍ଚଳରେ ବୃକ୍ଷରୋପଣ, ନିଶାନିବାରଣ ତଥା ସ୍ୱଚ୍ଛତାକୁ ଜୀବନରେ ମୂଳମନ୍ତ୍ର କରିଆସିଥିବା ବିଶିଷ୍ଟ ଗାନ୍ଧୀବାଦି ନେତା ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କର ୧୧୪ତମ ଜନ୍ମ ଜୟନ୍ତୀ ସୋମବାର ଦିନ ପଳସାସ୍ଥିତ ଗୋବିନ୍ଦଚନ୍ଦ୍ର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କବି ମାୟାଧର ନାୟକ ମୁଖ୍ୟ ଅତିଥି, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣୀ ସାହାଣି, ରଘୁନାଥ ପତ୍ରୀ ଓ ମାୟାଧର ବୈଶାଖ, ଶିକ୍ଷାବିତ କୈଳାସ ଚନ୍ଦ୍ର ପୃଷ୍ଟି, ପୁର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସବୁବେଳେ ଚଳଚଞ୍ଚଳ ରହିବା ସହ ଅରଟରେ ସୂତା କାଟିବା, ବଳିପ୍ରଥା ବନ୍ଦପାଇଁ ଆନ୍ଦୋଳନ କରିବା, ସମାଜରୁ କୁସଂସ୍କାର ଦୁର ପାଇଁ ଲୋକଙ୍କୁ ସଚେତନ କରାଇ ଜଣେ କର୍ମଯୋଗୀ ଓ ସ୍ୱାଭିମାନୀ ମଣିଷର ପରିଚୟ ଦେଇଥିଲେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଗଗନ ବିହାରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ, ତଦନ୍ତ କଲା ଭିଜିଲାନ୍ସ

ଚୌକି, ୨୫।୬( ସମିସ) : ଭୋଗରାଇ ବ୍ଲକ ବାରବାଟିଆ ପଞ୍ଚାୟତ ଡୁମାଇପୁର ଗାଁର ଏକ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ତଦନ୍ତ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ଟିମ ଗାଁରେ ପହଞ୍ଚିବା ପରେ ସେଠାରେ ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ଉପସ୍ଥିତିରେ ଗାଁ ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ସୂଚନା ମିଳିଛି। ଏହି ଗ୍ରାମରେ ୨୦୨୧-୨୨ ଆର୍ଥିକ ବର୍ଷରେ ଏକ ରାସ୍ତା ମରାମତି ପାଇଁ ୧ଲକ୍ଷ ୧୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଏହି ରାସ୍ତା କାମରେ ଅନିୟମିତତା ହୋଇଛି ବୋଲି ଗାଁ ଲୋକେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ଏହାର କୌଣସି ତଦନ୍ତ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ପୁଣି ଗାଁ ଲୋକେ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଆଉ ଏହାକୁ ନେଇ ଭିଜିଲାନ୍ସ ଅଫିସରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଗାଁର ଉଭୟ ଗୋଷ୍ଠୀର ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାସୁଝା କରି ଉପଯୁକ୍ତ ତଦନ୍ତ କରି ସଠିକ ରିପୋର୍ଟ ଭିଜିଲାନ୍ସକୁ ଦିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥଲା।

## ଜଳେଶ୍ୱର ସବ୍‌ଟ୍ରେଜେରୀ କାର୍ଯ୍ୟାଳୟରେ ବୁଲାକୁକୁରଙ୍କ ପ୍ରାଦୁର୍ଭାବ



ରାଇବଣିଆ, ୨୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସବ୍‌ଟ୍ରେଜେରୀ କାର୍ଯ୍ୟାଳୟରେ ଏବେ ବୁଲା କୁକୁର ମାଲମାଲ। ଅଫିସରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଯୋଗୁ ସାଧାରଣ ଲୋକେ ସେଠାକୁ ଯିବାକୁ ଭୟ କରୁଛନ୍ତି। ଆଜି ଦିନ ଗୋଟିଏ ତିରିଶ ମିନିଟ୍ ସମୟରେ ବିଜେପିର ୮ ନମ୍ବର ଜୋନ ମଣ୍ଡଳ ସଭାପତି ବିଶ୍ୱରୂପ ଦାସ୍, ୭ ନମ୍ବର ଜୋନ୍ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ୯ ନମ୍ବର ଜୋନ୍ ମଣ୍ଡଳ ସଭାପତି ତପନ ବିଶ୍ୱାଳ, ୧୦ ନମ୍ବର ଜୋନ୍ ମଣ୍ଡଳ ସଭାପତି ବିଜୟ ସାମଲ କୌଣସି ଏକ କାର୍ଯ୍ୟ ପାଇଁ ଉକ୍ତ ଅଫିସକୁ ଯାଇଥିଲେ। ଅଫିସରେ ଦେଖନ୍ତି ତ କେହି ଅଫିସର ଅବା କର୍ମଚାରୀ ନାହାନ୍ତି ବୁଲା କୁକୁର ଶୋଇ ରହିଛନ୍ତି। ଅନ୍ୟ ଏକ ରୁମରେ ଜଣେ କର୍ମଚାରୀଙ୍କୁ ଶୋଇ ଥିବାର ଦେଖିବାକୁ ମିଳିଥିଲା। ଠକ୍ ଠକ୍ କରିବା ପରେ କର୍ମଚାରୀ ଜଣଙ୍କ ଧଡ଼ ପଡ଼ ହୋଇ ଉଠିଥିଲେ ତାଙ୍କୁ ଅଫିସରେ କେହି ନ ଥିବାର ପରିବାରୁ ସେ ବନ୍ଧୁ ଜଣଙ୍କ ରାଗରେ ଗରଗର ହୋଇଥିଲେ ଓ ଖାଇବା ପାଇଁ ଯାଇଛନ୍ତି ବୋଲି କହିଥିଲେ। ଏମାନେ ପଚାରିବାରୁ ଆପଣମାନେ କିଏ ବୋଲି ପ୍ରଶ୍ନ କରିଥିଲେ। ଆଗରୁ ଏମିତି ବହୁବାର ଅଭିଯୋଗ ହୋଇଆସୁଛି ବୋଲି ସଭାପତି ମାନେ ପ୍ରକାଶ କରିଥିଲେ ତଥାପି ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି।

## ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ବୈଠକ

ବାଲିଆପାଳ, ୨୫।୬(ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ତରଫରୁ ସିମୁଳିଆସ୍ଥିତ ସଭା ଗୃହ ପରିସରରେ ଆଜି ବୈଠକ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ପରିଷଦର ସ୍ଥାୟୀ ସଭାପତି ଶିକ୍ଷାବିତ୍ ନାରାୟଣ ପ୍ରସାଦ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନବ ନିର୍ବାଚିତ ବସ୍ତାର ପ୍ରଥମ ମହିଳା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ମେଧାବୃତ୍ତି ସମ୍ମାନ ପାଇଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଶାସନକୁ ଅନୁସରଣ କଲେ ପୂର୍ଣ୍ଣ ସଫଳତା ନିଶ୍ଚୟ ମିଳିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ରାଜ, ସମ୍ପାଦକ ଡ. ବଂକିମ ଚନ୍ଦ୍ର ଜେନା ମଞ୍ଚାସୀନ ହୋଇଥିଲେ। ବୈଠକର ପ୍ରାରମ୍ଭରେ ଗାୟତ୍ରୀ ମନ୍ତ୍ର ଆବୃତ୍ତି କରାଯାଇଥିଲା ଓ ସମସ୍ତ ସଦସ୍ୟ / ସଦସ୍ୟାମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସଭାପତି ପରିଷଦର ସଂଗଠନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ଦେ, ଅବସର ପ୍ରାପ୍ତ ସାମରିକ ବାୟୁ କର୍ମଚାରୀ କମଳ ଲୋଚନ ପିଳା, ସନ୍ନ୍ୟାସୀ ବେହେରା ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ବିଧାୟିକା ସୁବାସିନୀ ଜେନାଙ୍କୁ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ପକ୍ଷରୁ ବାଲିଆପାଳ ବ୍ଲକର ୨୦୨୩-୨୦୨୪ ଶିକ୍ଷା ବର୍ଷରେ ହାଇସ୍କୁଲ ପରୀକ୍ଷାରେ ଟପର ହୋଇଥିବା ପ୍ରତୀକ୍ଷା ଦେଙ୍କୁ ସ୍ୱର୍ଗତ ବାସନ୍ତି ପାଳ ସ୍ମୃତି ସମ୍ମାନ, +୨ ବିଜ୍ଞାନରେ ଗୀତାଞ୍ଜଳି ସାହୁଙ୍କୁ ସ୍ୱର୍ଗତ ପଦ୍ମଲୋଚନ ପିଳା ସ୍ମୃତି ସମ୍ମାନ, +୨କଳା ଶିକ୍ଷାରେ ଶୁଭଲକ୍ଷ୍ମୀ ସାହୁ ଓ ବିଶ୍ମିତା ସାହୁ ଦୁଇଜଣଙ୍କୁ ପ୍ରତିମା ଜେନା ସ୍ମୃତି ସମ୍ମାନ ରେ ମୁଖ୍ୟ ଅତିଥି ବିଧାୟିକା ଶ୍ରୀମତୀ ଜେନା ସମ୍ବର୍ଦ୍ଧିତ କରିଥିଲେ।ଅଧ୍ୟାପକ କାଳିକିଙ୍କର ଦାସ ଓ ସୌଭାଗିନୀ ମିଶ୍ର ନୂଆ ସଦସ୍ୟ ହୋଇଥିଲେ। ଏହି ବୈଠକରେ ଡ. କୁଞ୍ଜକାନ୍ତ ପାତ୍ର, ବିଜୟ ପାତ୍ର, ବେଣୁଧର ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ରାଜ, ଝାଡେଶ୍ୱର ଦାସ, କାର୍ତ୍ତିକ ରାଉତ, ଶଙ୍କର ପରିଡ଼ା ପ୍ରମୁଖ ଅନେକ ସଦସ୍ୟ ବୈଠକ ଏବଂ ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିଲେ।

## ଡାକ୍ତରଖାନାରେ ଅବ୍ୟବସ୍ଥା ନେଇ ତାତିଲେ ବିଧାୟକ




ନୀଳଗିରି, ୨୫।୬(ସମିସ): ନୀଳଗିରି ଡାକ୍ତରଖାନାରେ ଅବ୍ୟବସ୍ଥାକୁ ନେଇ ତାତିଲେ ବିଧାୟକ ସନ୍ତୋଷ ଖଟୁଆ। ମଙ୍ଗଳବାର ବେଗୁନିଆ ପଞ୍ଚାୟତ ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ଗରମ ଗୁଲୁଗୁଲିରେ ଅସୁସ୍ଥ ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିଲେ। ହେଲେ ଚିକିତ୍ସାରେ କିଛି ବ୍ୟତିକ୍ରମ ହେଉଥିବା ଖବରପାଇ ବିଧାୟକ ଶ୍ରୀ ଖଟୁଆ ସେଠାରେ ପହଞ୍ଚି ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।

ପୂର୍ବରୁ ମଧ ମେଡିକାଲରେ ଚିକିତ୍ସାରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଆସୁଥିଲା। ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏଥିରେ କିଛି ସୁଧାର ଆଣିଥିଲେ ମଧ୍ୟ ପରବର୍ତ୍ତୀ ସମୟ ରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ହୋଇଛି। ଚଳିତ ୨୦୨୪ ସାଧାରଣ ନିର୍ବାଚନ ରେ ନୀଳଗିରିରୁ ବିଧାୟକ ଭାବେ ସନ୍ତୋଷ ଖଟୁଆ ବିଜୟୀ ହେବା ପରେ ସେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଏହାରି ଭିତରେ ଡାକ୍ତରଖାନା ପରିଦର୍ଶନରେ ଯାଇ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏଠାରେ ରୋଗୀଙ୍କୁ ଆଡ଼ମିସନ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଚିକିତ୍ସାରେ ଅବହେଳା ନେଇ ସେ ଦେଖିବାକୁ ପାଇଥିଲେ। ଡାକ୍ତରଖାନା ହେଉଛି ଲୋକଙ୍କୁ ଜୀବନ ଦେବା ପାଇଁ ଜୀବନ ନେବା ପାଇଁ ନୁହେଁ। ବହୁ ଆଶା ଭରସା କରି ଆସିବା ପରେ ଏଭଳି ଖାମ୍ ଖିଆଲି ନୀତି, ଦୁର୍ବ୍ୟବହାର ଓ ଅସହଯୋଗ କୁ ଦେଖି ମେଡିକାଲ ଭାରପ୍ରାପ୍ତ ଅଧିକାରିଣୀ ଡାକ୍ତର ସରୋଜିନୀ ପ୍ରଧାନଙ୍କୁ ଡକାଇ ତାଗିଦ କରିଥିଲେ।

## ଚଳନ୍ତା ଗାଡ଼ିରୁ ଖସି ମହିଳା ଆହତ

ଖନ୍ତାପଡ଼ା, ୨୫।୬(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅର୍ନ୍ତଗତ ଶେରଗଡ଼ ରାଜପଥ କଡ଼ରେ ଆଜି ଅପରାହ୍ନରେ ଏକ ପଲସର୍ ବାଇକ୍‌ରେ ଦୁଇଜଣ ଖନ୍ତାପଡ଼ାରୁ ବାଲେଶ୍ୱର ଯାଉଥିବା ସମୟରେ ଶେରଗଡ଼ ନିକଟସ୍ଥ ଟୋଲ୍ ଗେଟ୍ ପାଖରେ ହଠାତ୍ ଚଳନ୍ତା ଗାଡ଼ିରୁ ମହିଳା ଜଣଙ୍କ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ମାନେ ମହିଳା ଜଣଙ୍କୁ ଉଦ୍ଧାର କରି ଖନ୍ତାପଡ଼ା ହାଇୱେ ପାଟ୍ରୋଲିଂ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ଖନ୍ତାପଡ଼ା ହାଇୱେ ପାଟ୍ରୋଲିଂ ପୁଲିସ ପହଞ୍ଚି ହାଇୱେ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

## ସିମୁଳିଆ ବିଧାୟକଙ୍କ ପ୍ରଥମ ସମୀକ୍ଷା ବୈଠକ




ଖଇରା, ୨୫।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ନବ ନିର୍ବାଚିତ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପକ୍ଷରୁ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧି ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଙ୍ଗଳବାର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ବିଡିଓ ଅନନ୍ତ କୁମାର ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଥମେ ପଞ୍ଚାୟତ ଲୋକପ୍ରତିନିଧି, ଜିଲା ପରିଷଦ ସଭ୍ୟ, ବିଭାଗୀୟ ଅଧିକାରୀ ମାନେ ନିଜର ପରିଚୟ ଦେବା ପରେ ବିଧାୟକ ତାଙ୍କ ବକ୍ତବ୍ୟରେ ଦଳୀୟ ଭାବନାରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏଥିସହ ଖଇରା ବଜାରରେ ଜନଗହଳିକୁ ଦୃଷ୍ଟିରେ ରଖି କିଭଳି ଏକ ଫ୍ଲାଇ ଓଭର ବା ଉଡନ୍ତା ପୋଲ ନିର୍ମାଣ କରାଯାଇ ପାରିବ ଏବଂ ଖଇରା ବଜାରରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଅଣାଯାଇପାରିବ ସେ ବିଷୟକୁ ପ୍ରାଥମିକତା ଦେବେ। ପୁର୍ବ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ଲାଭ କରିଥିବା ଖଇରାକୁ କିଭଳି ଯଥାଶିଘ୍ର କାର୍ଯ୍ୟକାରୀ କରାଯାଇ ପାରିବ ସେଥିପ୍ରତି ଧ୍ୟାନ ଦେବେ ବୋଲି କହିଥିଲେ। ମହତୀପୁର ପଞ୍ଚାୟତ ସମିତିସଭ୍ୟା ଭାନୁମତି ସାହୁ ମହତୀପୁର ମଧୁହରି ବିଦ୍ୟାପୀଠରେ ଶିକ୍ଷକ ସମସ୍ୟା ଏବଂ ଅଚ୍ୟୁତପୁର ସମିତିସଭ୍ୟା ଅହଲ୍ୟା ପାତ୍ର ପାନୀୟ ଜଳ ସମସ୍ୟା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ଉପସ୍ଥିତ ଥିବା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା ପ୍ରଭାକର ମିଶ୍ର ବର୍ତ୍ତମାନ ଖଇରା ମେଡିକାଲରେ ୨୨ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୯ଜଣ ଥିବା ବେଳେ ଶିଶୁରୋଗ ବିଶେଷଜ୍ଞ, ଦନ୍ତ ବିଶେଷଜ୍ଞ ଭଳି ପଦବୀ ଖାଲି ପଡ଼ିଥିବା ନେଇ ଅବଗତ କରାଇଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ବର୍ତ୍ତମାନ ପ୍ରାଥମିକ ଶିକ୍ଷାନୁଷ୍ଠାନରେ ୧୧୫ପଦବୀ ଖାଲି ପଡ଼ିବା ଏବଂ ଏଥିମଧ୍ୟରୁ ୭ଟି ସ୍କୁଲ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ଚାଲିଥିବା କଥା କହିଥିଲେ। ଏହା ଉପରେ ଦୃଷ୍ଟି ଦେବେ ବୋଲି ବିଧାୟକ କହିବା ସହ ଆଗାମୀ ଦିନରେ ଅଧିକାରୀମାନେ ବୈଠକକୁ ଆସିବା ପୁର୍ବରୁ ସମସ୍ତେ ତଥ୍ୟ ସହ ଗୃହକୁ ଆସିବାକୁ ପରାମର୍ଶ ଦେଇଥିଲେ। ପ୍ରଥମେ ବ୍ଲକ ଅଧକ୍ଷା ଓ ବ୍ଲକ କର୍ମଚାରୀଙ୍କ ତରଫରୁ ଏବଂ ତାରିଣୀ ମନ୍ଦିର ନିକଟରେ ପୁର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ରାଧାକାନ୍ତ ପାତ୍ର, ସୁଦର୍ଶନ ମହାରଥା, ମନୋଜ କୁମାର ସ୍ୱାଇଁ, କୈଳାସ ମାଝୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶିନୀ ଧଳ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ମାନସ କୁମାର ଦାଶ, ସଭ୍ୟା ସୁଷମା ମହାପାତ୍ର ଓ ରଶ୍ମିତା ମହାପାତ୍ର ଉପସ୍ଥିତ ଥିଲେ।

